"ନାଇଁ ଛାଡୁ ଜନମ ମାଟି"

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ବଲାଙ୍ଗିରକୁ ନେଇ ତଥ୍ୟାନୁସନ୍ଧାନ ରିପୋର୍ଟ

ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ଓଡିଶା

ଜୁଲାଇ, ୨୦୧୩

Digitized by srujanika@gmail.com

ସୂଚୀପତ୍ର

୧. ଉପକ୍ରମ ୧

୨. ଲୋୟର ସୁକତେଲ ପ୍ରକଳ୍ପ ୨

୩. ଲୋୟର ସୁକତେଲ ଜଳସେଚନ ଯୋଜନାକୁ
ବିରୋଧ କାହିଁକି ? ୩

୪. ଲୋୟର ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ ଓ
ବନ୍ଧବିରୋଧୀ ଆନ୍ଦୋଳନ ୯

୫. ଏପ୍ରିଲ ୨୯ ତାରିଖର ଘଟଣା ୧୩

୬. ଲୋୟର ସୁକତେଲ ସପକ୍ଷବାଦୀଙ୍କ ପାଲଟା ଆନ୍ଦୋଳନ ୧୫

୭. ବଲାଙ୍ଗୀର, କେବିକେ ଓ ଲୋୟର ସୁକତେଲ ୧୮

୮. ଟିକରପଡା,ମଣିଭଦ୍ରା,ସିଣ୍ଡୋଳ ଓ ପଶ୍ଚିମ ଓଡିଶା ମାନସିକତା ୨୫

୯. ବିସ୍ଥାପନ, ଥଇଥାନ ଓ ପୁନର୍ବାସ ୨୬

୧୦. ଅନୁସନ୍ଧାନର ସିଦ୍ଧାନ୍ତ ଓ ପ୍ରସ୍ତାବ ୨୮

୧୧. ଶେଷକଥା ୩୦

Digitized by srujanika@gmail.com

୧. ଉପକ୍ରମ

ଚିର ମରୁଡିଗ୍ରସ୍ତ ବଲାଙ୍ଗିର ଜିଲ୍ଲାକୁ ଜଳସେଚନର ସୁବିଧା ଯୋଗାଇ ଦେବା ନିମନ୍ତେ ଓଡିଶା ସରକାର ୧୯୯୦ ଦଶକରେ ୧୦୫୧ କୋଟି ଟଙ୍କା ବ୍ୟୟରେ ଲୋୟର ସୁକତେଲ ପ୍ରକଳ୍ପର ପରିକଳ୍ପନା କରି ୨୦୧୩ ମସିହାରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଆଜକୁ ଦୀର୍ଘ ୧୫ ବର୍ଷଧରି ଉକ୍ତ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ୨୯ଟି ଗ୍ରାମର ଲୋକ 'ଲୋୟର ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ' ଗଠନ କରି ପ୍ରକଳ୍ପକୁ ବିରୋଧ କରି ଆସୁଛନ୍ତି । ୨୦୧୩ ମସିହା ଏପ୍ରିଲ ୮ ତାରିଖରେ ସ୍ପିଲୱେ କାର୍ଯ୍ୟ ଆରମ୍ଭ ହେବାରେ ସଂଗ୍ରାମ ପରିଷଦ ଏହାର ଶାନ୍ତିପୂର୍ଣ୍ଣ ବିରୋଧ କରିବାରୁ ନିରୀହ ଜନ ସାଧାରଣଙ୍କ ଉପରେ ପୋଲିସ୍ ଅମାନୁଷିକ ଲାଠି ଚାଳନା କରି ୬୮ ଜଣଙ୍କୁ ଗିରଫ କରି ଜେଲ୍‌କୁ ପଠାଇଥିଲା । ଏପରିକି ବିବରଣୀ ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକମାନେ ମଧ୍ୟ ପୋଲିସ୍ ଅତ୍ୟାଚାରରୁ ବାଦ ପଡିନଥିଲେ । ଦକ୍ଷିଣ-ପଶ୍ଚିମ ଓଡିଶାରେ ମାଛକୁଣ୍ଡ, ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ, ଅପର କୋଲାବ ଆଦି ନଦୀବନ୍ଧ ଯୋଜନା ଗୁଡିକରୁ ବିସ୍ଥାପିତ ହୋଇ ଦାଦନ ଶ୍ରମିକ ପାଲଟିଥିବା ଲୋକମାନଙ୍କର ସମସ୍ୟା ଏ ଯାଏ ସମାଧାନ ହୋଇ ନଥିବା ବେଳେ ପଶ୍ଚିମ ଓଡିଶାରେ ପୁଣି ଏକ ବୃହତ ନଦୀବନ୍ଧ ଯୋଜନା କେତେ ଦୂର ଯୁକ୍ତି ଯୁକ୍ତ ତାହା ବିଚାର ଯୋଗ୍ୟ । ତେବେ ବୁଡି ଅଞ୍ଚଳର ଜନସାଧାରଣଙ୍କ ତରଫରୁ ବଲାଙ୍ଗିର ଜିଲ୍ଲାର ଜଳସେଚନ ଓ ସହରର ଜଳଯୋଗାଣ ନେଇ ବିକଳ୍ପ ପ୍ରସ୍ତାବ ଦିଆଯାଉଥିବାବେଳେ ଜୋର ଜବରଦସ୍ତ ସେମାନଙ୍କ ଉପରେ ପୋଲିସ୍ ଜୁଲୁମ୍ ଚଳାଇବାର ପଟାନ୍ତର ସଭ୍ୟ ଜଗତର ଇତିହାସ ପୃଷ୍ଠାରେ ବିରଳ । ଲୋୟର ସୁକତେଲ ବନ୍ଧ ବିରୋଧୀ ଜନ ଆନ୍ଦୋଳନ ଓଡିଶାରେ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ ବନ୍ଧ ବିରୋଧ ଆନ୍ଦୋଳନ, ପୋସ୍କୋ, ଚିଲିକା ଗନ୍ଧମାର୍ଦ୍ଦନ, କାଶିପୁର, କଳିଙ୍ଗନଗର, ମାଲକାନ୍‌ଗିରି ଆଦି ଅଞ୍ଚଳର ଜନ ଆନ୍ଦୋଳନର ଏକ ଅଂଶବିଶେଷ ।

ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ବଲାଙ୍ଗିର ଆକ୍ସନ କମିଟି ନାମରେ ବଲାଙ୍ଗିରର କେତେକ ସହରବାସୀ ନିଜର ଦାବୀ ଜଣାଇ ଆସୁଛନ୍ତି । ସେମାନଙ୍କ କହିବା ହେଲା ଲୋୟର ସୁକତେଲ ପ୍ରକଳ୍ପ ବଲାଙ୍ଗିରର ଜୀବନରେଖା । ଜିଲ୍ଲା ବାହାରୁ ପ୍ରକଳ୍ପ ବିରୋଧି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଆସୁଥିଲାବେଳେ ଆକ୍ସନ କମିଟି ଏହାକୁ ବରଦାସ୍ତ କରିପାରୁନାହିଁ । ସେମାନଙ୍କ କହିବା ହେଲା 'ଆମ ବଲାଙ୍ଗିର ବିଷୟ ଆମକୁ ଛାଡିଦିଆଯାଉ' । ଏସବୁ ଦେଖିଲେ ଲୋୟର ସୁକତେଲ ସମସ୍ୟା ଆଜି ସ୍ଥାନୀୟ ବୁଡି ଅଞ୍ଚଳର ବା ବଲାଙ୍ଗିରବାସୀଙ୍କ ସ୍ଥାନୀୟ ସମସ୍ୟା ମଧ୍ୟରେ ସୀମାବଦ୍ଧ ନୁହେଁ । ବରଂ ଏହା ସାରା ଓଡିଶାରେ ସରକାରଙ୍କର ବିକାଶ ପଦ୍ଧତି ଉପରେ ପ୍ରଶ୍ନବାଚୀ ଲଗାଇଛି ।

Digitized by srujanika@gmail.com

ଉପରୋକ୍ତ ଘଟଣା ପ୍ରବାହକୁ ଦୃଷ୍ଟିରେ ରଖି 'ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ' ଲୋୟର ସୁକତେଲ ବନ୍ଧ ଯୋଜନା ଅଞ୍ଚଳକୁ ଏକ ତଥ୍ୟାନୁସନ୍ଧାନୀ କମିଟି ପଠାଇଥିଲା । ଉକ୍ତ କମିଟିରେ ଗଣଭିତ୍ତି ପତ୍ରିକାର ଯୁଗ୍ମ ସଂପାଦକ ସୁନାକର ବଳ, ସାମ୍ବାଦିକ ନିହାରକାନ୍ତି ଦାସ, ବୃତ୍ତଚିତ୍ର ନିର୍ମାତା ତଥା ସାମାଜିକ କର୍ମୀ ଦେବରଞ୍ଜନ ଓ ଅର୍ଥଶାସ୍ତ୍ରୀ ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ.ଗୋଲକ ବିହାରୀ ନାଥ ସଭ୍ୟ ଥିଲେ । ସେମାନେ ୨୦୧୩ ମସିହା ମେ ମାସ ୨୨ ତାରିଖରେ ଲୋୟର ସୁକତେଲ ବୁଡି ଅଞ୍ଚଳ ଗସ୍ତ କରି ଲୋୟର ସୁକତେଲ ସଂଗ୍ରାମ ପରିଷଦର କର୍ମକର୍ତ୍ତା, ବଲାଙ୍ଗିର ଆକସନ୍ କମିଟିର କର୍ମକର୍ତ୍ତା, ପୋଲିସ୍ ଜୁଲୁମ୍ର ଶିକାର ହୋଇଥିବା ଗ୍ରାମବାସୀ, ସାମ୍ବାଦିକ ଓ ଅନ୍ୟାନ୍ୟ ସଂପର୍କିତ ବ୍ୟକ୍ତିମାନଙ୍କୁ ଭେଟିଥିଲେ । ତଥ୍ୟାନୁସନ୍ଧାନୀ ଦଳର ଲକ୍ଷ ଥିଲା :-(୧) ଲୋୟର ସୁକତେଲ ବନ୍ଧଦ୍ୱାରା ଜଳ ମଗ୍ନ ହେଉଥିବା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ସାମାଜିକ ଅର୍ଥନୈତିକ ଅବସ୍ଥାର ଅନୁଧ୍ୟାନ କରିବା, (୨) ଲୋୟର ସୁକତେଲ ବନ୍ଧ ବିରୋଧୀ ଜନ ଆନ୍ଦୋଳନ ଓ ଆନ୍ଦୋଳନକୁ ନେଇ ସରକାରଙ୍କ ଆଭିମୁଖ୍ୟ ବିଷୟରେ ତର୍ଜମା କରିବା, (୩) ବଲାଙ୍ଗିର ଜିଲ୍ଲାର ଅନଗ୍ରସରତା ପରିପ୍ରେକ୍ଷୀରେ ବୃହତ ବନ୍ଧର ଆବଶ୍ୟକତାକୁ ନେଇ ସମୀକ୍ଷା କରିବା ।

୨. ଲୋୟର ସୁକତେଲ ପ୍ରକଳ୍ପ

ବଲାଙ୍ଗିରରେ ହେଉଥିବା ମରୁଡିର ନିରାକରଣ ଓ ବଲାଙ୍ଗିର ସହରକୁ ଜଳଯୋଗାଣ ଉଦ୍ଦେଶ୍ୟରେ ବଲାଙ୍ଗିର ସହରଠାରୁ ୨୦ କି.ମି. ଦୂରରେ ମାଗୁରବେଡା ଗ୍ରାମ ନିକଟରେ ସୁକତେଲ ନଦୀ ଉପରେ ଲୋୟର ସୁକତେଲ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଛି । ବନ୍ଧର ଲମ୍ବା ୧୪୧୦ ମିଟର ଓ ଉଚ୍ଚତା ୩୦ ମିଟର ରହିବ । ଏହାର ଡାହାଣ ଡାଇକରୁ ଡାହାଣ କେନାଲ ବାହାରି ଦୀର୍ଘ ୨୩.୮୪ କି.ମି. ଅଞ୍ଚଳ ଜଳସେଚନ କରିବ । ବାମ ପାଖରୁ ମୁଖ୍ୟ କେନାଲ ବାହାରି ୧୦.୭୬ କି.ମି. ଯିବାପରେ ସେଥିରୁ ପ୍ରାୟ ୩୫ କି.ମି. ପର୍ଯ୍ୟନ୍ତ ଶାଖା କେନାଲ ବାହାରିବ । ଏହି ଦୁଇ କେନାଲ ବଲାଙ୍ଗିର ଜିଲ୍ଲାର ୧୭୭ଟି ଗ୍ରାମ ଓ ସୋନପୁର ଜିଲ୍ଲାର ୧୨ଟି ଗ୍ରାମର ୩୧୮୩୦ ହେକ୍ଟର ଜମିକୁ ଜଳସେଚନ କରିପାରିବ । ଏତଦ୍‌ବ୍ୟତୀତ ଉକ୍ତ ପ୍ରକଳ୍ପ ବଲାଙ୍ଗିର ସହରକୁ ୨୦ କ୍ୟୁସେକ୍ ପାନୀୟ ଜଳଯୋଗାଣ କରିପାରିବ । ଉକ୍ତ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ଆକ୍‌ସେଲେରେଟେଡ୍ ଇରିଗେସନ୍ ବେନିଫିଟ୍ ପ୍ରୋଗ୍ରାମ୍ ଜରିଆରେ କେବିକେଁ ଜିଲ୍ଲାର ଲଙ୍ଗ୍ ଟର୍ମ ଆକ୍ସନ ପ୍ଲାନ୍‌ରେ ଋଣ ଯୋଗାଇ ଦେଇଛନ୍ତି । ପ୍ରଥମେ ୧୯୯୪ ମସିହା ଦରଦାମ୍ ନେଇ ପ୍ରକଳ୍ପରେ ୨୧୭.୧୩ କୋଟି ଟଙ୍କା ଖର୍ଚ୍ଚ ହେବାର ଅଟକଳ କରାଯାଇଥିଲା । କିନ୍ତୁ ଏବେ ଏହା ୧୦୪୧.୮୧ କୋଟି ଟଙ୍କାରେ ପହଞ୍ଚିଛି । ୧୯୯୪ ମସିହା ସର୍ଭେ ଅନୁସାରେ ୪୧୬୦ଟି ପରିବାରର ୧୪,୩୮୦ ଲୋକ ଉକ୍ତ ପ୍ରକଳ୍ପରୁ ବିସ୍ଥାପିତ ହେବାର ଥିଲା କିନ୍ତୁ ବର୍ତ୍ତମାନ ହିସାବ କଲେ ୧୦ ହଜାର ପରିବାରର ୫୦ ହଜାର ଲୋକ ବିସ୍ଥାପିତ ହେବାର ଆଶଙ୍କା ପ୍ରକାଶ ପାଇଛି । ସେହିପରି

Digitized by srujanika@gmail.com

ଉକ୍ତ ପ୍ରକଳ୍ପ ୪୬୦୨ ହେକ୍ଟର ଜମି ଜଳମଗ୍ନ କରିବ । ଏଥିରେ ଘରୋଇ ଜମି ୪୦୬୮ ହେକ୍ଟର, ସରକାରୀ ଜମି ୭୮୬ ହେକ୍ଟର ଓ ୫୮୩ ହେକ୍ଟର ଜଙ୍ଗଲ ଜମି ରହିଛି । ପ୍ରକଳ୍ପ କାମ ୧୯୯୭-୯୮ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ କ୍ଷତିପୂରଣ ଏପର୍ଯ୍ୟନ୍ତ ସମସ୍ତ ବିସ୍ଥାପିତଙ୍କୁ ଦିଆଯାଇନାହିଁ ।

ନୂତନ ତଥ୍ୟ ଅନୁସାରେ, ଲୋୟର ସୁକତେଲ ପ୍ରକଳ୍ପ ହେଲେ ବଲାଙ୍ଗିର ଜିଲ୍ଲାର ତିନୋଟି ବ୍ଲକ୍‌ର (ଯଥା : ବଲାଙ୍ଗିର, ପାଟଣାଗଡ ଓ ଲୋଇସିଂହା) ଆଠଟି ଗ୍ରାମପଞ୍ଚାୟତର ୨୯ଟି ଗ୍ରାମର ୧୦,୪୧୬ ପରିବାର କ୍ଷତିଗ୍ରସ୍ତ ହେବେ । ଏଥିରୁ ଲୋଇସିଂହା ବ୍ଲକ୍‌ର ୩ଟି ଗ୍ରାମପଞ୍ଚାୟତ ଓ ପାଟଣାଗଡର ୧ଟି ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ । ସେହି ୨୯ଟି ଗ୍ରାମ ମଧ୍ୟରୁ ୧୬ଟି ଗ୍ରାମ ସଂପୂର୍ଣ୍ଣ ବୁଡିବ ଓ ୧୩ଟି ଗ୍ରାମ ଆଂଶିକ ବୁଡିବ । ଲୋୟର ସୁକତେଲ ପ୍ରକଳ୍ପ ଅଫିସ ତରଫରୁ ଦିଆଯାଇଥିବା ତଥ୍ୟ ଅନୁସାରେ ୧୬-୦୧-୨୦୧୩ ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ ହେବାକୁ ଥିବା ୨୯ଟି ଗ୍ରାମ ମଧ୍ୟରୁ ୧୩ଟି ଗ୍ରାମ କ୍ଷତିପୂରଣ ନେଇଥିବା ବେଳେ ୧୬ଟି ଗ୍ରାମ ଏବେ ବି କ୍ଷତିପୂରଣ ନେଇନାହାଁନ୍ତି ।

୩. ଲୋୟର ସୁକତେଲ ଜଳସେଚନ ଯୋଜନାକୁ ବିରୋଧ କାହିଁକି ?

ଓଡିଶା ସରକାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର, ପୁଇଁତଲା, ଲୋଇସିଂହା ବ୍ଲକ୍ ଓ ସୋନପୁର ଜିଲ୍ଲାର ତରଭା ବ୍ଲକ୍‌ର ୩୧,୮୩୦ ହେକ୍ଟର ଜମିକୁ ଜଳସେଚନର ଲକ୍ଷ୍ୟ ରଖିଛନ୍ତି । କିନ୍ତୁ ସଂଗ୍ରାମ ପରିଷଦ ଉକ୍ତ ଜଳସେଚନ ପ୍ରକଳ୍ପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଛି । ସେମାନଙ୍କର କହିବାର କଥା ହେଲା ଯେ ଯେଉଁ ଅଞ୍ଚଳରେ ଉକ୍ତ ପ୍ରକଳ୍ପରୁ ଜଳସେଚନ କରାଯିବ ଓ ଯେଉଁ ଅଞ୍ଚଳ ଜଳମଗ୍ନ ହେବ ସେ ସବୁ ଅଞ୍ଚଳ ଜିଲ୍ଲାର ଅନ୍ୟଅଞ୍ଚଳ ଅପେକ୍ଷା କମ୍ ମରୁଡି ପ୍ରବଣ ଅଞ୍ଚଳ । ୨୦୦୦ ମସିହାରେ ଯେତେବେଳେ ସମଗ୍ର ୩୦ଟି ଜିଲ୍ଲାରୁ ୨୮ଜିଲ୍ଲାକୁ ମରୁଡିଗ୍ରସ୍ତ ବୋଲି ଘୋଷଣା କରାଯାଇଥିଲା, ସେତେବେଳେ ମଧ୍ୟ ବଲାଙ୍ଗିର ବ୍ଲକ୍‌ର ଫସଲ ନଷ୍ଟ ହୋଇନଥିଲା । ସେ ସମୟରେ ବଲାଙ୍ଗିର ଜିଲ୍ଲାର ଯେଉଁ ବ୍ଲକ୍‌ର ଫସଲ ନଷ୍ଟ ହୋଇଥିଲା - ସେ ସବୁ ହେଲା ପାଟଣାଗଡ ଓ ଆଗଲପୁର (୮୧ ରୁ ୯୦ଭାଗ) ତୁରେଇକେଲା, ବେଲପଡା ଓ ବଙ୍ଗମୁଣ୍ଡା (୭୧ରୁ ୮୧ଭାଗ); ଟିଟିଲାଗଡ, ଖପ୍ରାଖୋଲ ଓ ଦେଓଗାଁ (୬୧ ରୁ ୭୦ଭାଗ; ଲୋଇସିଂହା ଓ ସଇଁତଲା (୫୧ରୁ ୬୦ଭାଗ) ।[୩]

ବଲାଙ୍ଗିର ମରୁଡି ଉପରେ ଗବେଷଣା କରିଥିବା ଡଃ ମୃତ୍ୟୁଞ୍ଜୟ ସ୍ୱାଇଁ [୪] ବର୍ଷାର ପରିମାଣ,ମାଟିର ପାଣି ଧରି ରଖିବା ସାମର୍ଥ, ଜଳସେଚନ, ଦାରିଦ୍ର୍ୟ, ଜଳର ବ୍ୟବସ୍ଥା ଆଦିକୁ ମାପକାଠି ନେଇ ବଲାଙ୍ଗିରର ମରୁଡି ପ୍ରବଣ ଅଞ୍ଚଳ ଉପରେ କରିଥିବା ଗବେଷଣାରୁ ଜଣାଯାଏ

Digitized by srujanika@gmail.com

ଯେ ପାଟଣାଗଡ (୧.୦୬୨) ଖପ୍ରାଖୋଲ (୧.୨୪୦) ବେଲପଡା (୧.୦୭୨) ତୁରେଇକେଲା (୧.୫୬୨) ବଲାଙ୍ଗିର ଜିଲ୍ଲାର ସବୁଠୁବେଶୀ ମରୁଡି ପ୍ରବଣ ଅଞ୍ଚଳ । ବଲାଙ୍ଗିର ବ୍ଲକ୍ (୦.୩୧୩) ଲୁଇସିଂହା (୦.୨୦୨) ପୁଇଁତଲା (୦.୨୧୩) ତେନ୍ତୁଲଖୁଣ୍ଟି (୦.୦୦୭) ସର୍ବନିମ୍ନ ମରୁଡିପ୍ରବଣ ଅଞ୍ଚଳ । ମରୁଡି ପ୍ରବଣ ଅଞ୍ଚଳକୁ ଯଦି ଜଳସେଚନ କରିବାର ମୁଖ୍ୟ ଉଦ୍ଦେଶ୍ୟ, ତେବେ ଲୋୟର ସୁକତେଲ ଏ ଉଦ୍ଦେଶ୍ୟ ପୂରଣ କରିପାରିବ ନାହିଁ । କାରଣ ବଲାଙ୍ଗିର ଜିଲ୍ଲାର ସବୁଠାରୁ ଅଧିକ ମରୁଡି ପ୍ରବଣ ବ୍ଲକ୍ ହିସାବରେ ଜଣାଶୁଣା ପାଟଣାଗଡ, ଖପ୍ରାଖୋଲ, ବେଲପଡା, ତୁରେଇକେଲା ଆଦି ବ୍ଲକ୍ ଲୋୟର ସୁକତେଲର ଜଳଯୋଗାଣ ଯୋଜନା ମଧ୍ୟରେ ନାହିଁ । ଅନିୟମିତ ବର୍ଷା, ଅସମୟରେ ଜଳବାୟୁ ପରିବର୍ତ୍ତନ, ଜମିର କ୍ରମଶଃ ଜଳ ଧାରଣର କ୍ଷମତାରେ ହ୍ରାସ, ଜଳସେଚନର ଅଭାବ, ଗଣଦାରିଦ୍ର୍ୟ ଆଦି ନେଇ ଉକ୍ତ ବ୍ଲକ୍‌ଗୁଡିକରେ କ୍ରମାଗତ ମରୁଡି ପଡି ଆସୁଛି । ଏଠାରେ ଜଳସେଚନର ଆବଶ୍ୟକତା ଥିବାବେଳେ ଜଳସେଚନର ବ୍ୟବସ୍ଥା ନାହିଁ । ଅନ୍ୟପକ୍ଷରେ ବଲାଙ୍ଗିର, ପୁଇଁତଲା, ଲୋଇସିଂହା ଆଦି ବ୍ଲକ୍ ଯଦିଓ ମରୁଡି ପ୍ରବଣ ଅଞ୍ଚଳ ନୁହେଁ, ତଥାପି ସେମାନେ ଲୋୟର ସୁକତେଲ ବନ୍ଧ ଯୋଜନାରେ ଜଳସେଚିତ ହୋଇପାରିବେ ।

ମାଟିର ଉର୍ବରତା ଓ ଜଙ୍ଗଲର ପରିମାଣ ସର୍ବଦା ମରୁଡିର ଏକ ମୁଖ୍ୟ କାରଣ ରୂପେ ଗଣାଯାଏ । ଲୋୟର ସୁକତେଲ ବୁଡି ଅଞ୍ଚଳ ଏକ ଉନ୍ନତ କୃଷି ଓ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ । ଏଠାରେ ଭୂତଳ ଜଳ ମାଟି ଉପରୁ ବହୁତ କମ୍ ଗଭୀରରେ ରହୁଛି । ତେଣୁ ଚାଷୀ ତାର ନିଜ ପ୍ରଚେଷ୍ଟାରେ ସୁକତେଲ ନଦୀରୁ କିମ୍ବା କୂଅଖୋଳି ନିଜ ନିଜର ଜମିକୁ ଜଳସେଚନ କରପାରିଛନ୍ତି । ସରକାର ମଧ୍ୟ ବିଭିନ୍ନ ଯୋଜନା ନାମରେ ଆସୁଥିବା ଅର୍ଥକୁ କୂଅ, ପୋଖରି ଖୋଳାଇ ଉଠା ଜଳସେଚନ ପଏଣ୍ଟ ମାଧ୍ୟମରେ ଜମିକୁ ଜଳଯୋଗାଇ ଆସୁଛନ୍ତି । ତେଣୁ ଲୋୟର ସୁକତେଲ ବଲାଙ୍ଗିରର ଏକ ଜଙ୍ଗଲ ଆଚ୍ଛାଦିତ ଉନ୍ନତ କୃଷି ଅଞ୍ଚଳ । ଏପରିକି ମେ ମାସ ପ୍ରଚଣ୍ଡ ଖରା ସମୟରେ ଅନୁସନ୍ଧାନକାରୀ କମିଟି ଅଞ୍ଚଳରେ ବୁଲିବା ସମୟରେ ଲୋକମାନେ ନିଜ ଚେଷ୍ଟାରେ ଜଳର ବ୍ୟବସ୍ଥା କରି ଧାନ, ଭେଣ୍ଡି, ମକା, ବିଲାତି ବାଇଗଣ, ବାଇଗଣ, ପୋଟଳ ଆଦି ପନିପରିବା ଚାଷ ହୋଇଥିବା ଦେଖିବାକୁ ପାଇଥିଲେ । ପ୍ରକଳ୍ପ କ୍ଷତିଗ୍ରସ୍ତ କପିଳ ବାହାଲ ଗ୍ରାମର ସନାତନ ରାଉତ କୁହନ୍ତି "ନଦୀରୁ ପାଣି ଉଠାଇ ଚାଷ କରୁଛୁ । ଆଖୁ, କଦଳୀ, ପୋଟଳ, ଧାନ ଚାଷ କରୁଛୁ । ଆଖୁ ଗଲା ବର୍ଷ ୩୫ଟନ୍ ହୋଇଥିଲା । ଆଖୁ ଟନ୍ ପିଛା ଟ.୧୮୫୦ ରେ ବିକିଥିଲୁ । ଏବେ ରବି ଧାନ ଏକର ପିଛା ୪୦ବସ୍ତା (୭୫ କି.ଗ୍ରା. ପ୍ରତି ବସ୍ତା) ହେଉଛି ।" ତାଙ୍କଠାରୁ କମିଟି ଜାଣିବାକୁ ପାଇଥିଲା ଯେ, କପିଳ ବାହାଲରେ ସମୁଦାୟ ଚାଷଜମି ୫୬୨ ଏକର । ସେଥିରୁ ଖରାଦିନେ ପ୍ରାୟ ୨୦୦ ଏକର ଜମିରେ ଚାଷ ହୋଇପାରୁଛି । ସମସ୍ତେ ନଦୀ ପାଣିରେ ଚାଷ କରୁଛୁ ବୋଲି ଚାଷି ଘାସିରାମ କୁହନ୍ତି । ଅନନ୍ତପାଲିର ଘାସିରାମ ଏଥର ନିଜର ୭ଏକର ଜମିରେ ଧାନଚାଷ କରିଛନ୍ତି ।

Digitized by srujanika@gmail.com

ଯେଉଁଠି କୃଷକ ନିଜ ଚେଷ୍ଟାରେ ଜମିକୁ ଜଳସେଚିତ କରି ଫସଲ ଉତ୍ପାଦନ କରୁଛି ସେ ଅଞ୍ଚଳକୁ ଜଳସେଚନ ନାମରେ ଜଳମଗ୍ନ କରିବା ଝିଣ୍ଟିକା ମାରି ବଣି ପୋଷିବା ସଦୃଶ ।

ପ୍ରକଳ୍ପ ଦ୍ୱାରା ସରକାର ବଲାଙ୍ଗିର ଓ ସୋନପୁର ଜିଲ୍ଲାର ୧୮୯ଟି ଗ୍ରାମରେ ଥିବା ୩୧,୩୮୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆଜି ଭାରତରେ ତଥା ଓଡିଶାରେ ଯେକୌଣସି ଜଳପ୍ରକଳ୍ପକୁ ଦେଖିଲେ ଜଣାଯିବ ଯେ ସରକାର ପ୍ରକଳ୍ପ ଆରମ୍ଭରେ ଜଳସେଚନ ଓ ପାନୀୟ ଜଳଯୋଗାଣ ନେଇ ଯେଉଁ ପ୍ରତିଶ୍ରୁତି ସବୁ ଦେଉଛନ୍ତି ତାହା ପୂରଣ ହେଉନାହିଁ । ବର୍ଷକୁ ବର୍ଷ ଜଳକର ବୃଦ୍ଧି ହେବାରେ ଲାଗିଛି । ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାରେ ସରକାର ଯେତିକି ଜମିକୁ ଜଳସେଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସେତିକି ଜମିରେ ଜଳସେଚନ ହୋଇପାରିଲାନାହିଁ । ଏବେ ଅବସ୍ଥା ଏପରି ହୋଇଛି ଯେ ପ୍ରଥମରୁ ଯେତିକି ଜମିରେ ଜଳସେଚନ ହେଉଥିଲା ଏବେ ତାହା ମଧ୍ୟ ହେଉନାହିଁ । କେନାଲର ଶେଷମୁଣ୍ଡକୁ ଜଳଯୋଗାଣ ହୋଇ ନପାରି ପ୍ରାୟ ୫୦ ହଜାର ଏକର ଜମି ପଡିଆ ପଡିଛି । କୃଷକ ସରକାରଙ୍କୁ ଜଳକର ଗଣିବା ସାର ହେଉଛି ।

୧୯୮୬ରେ ଖୋସ୍‌ଲା କମିଟି ହିରାକୁଦ କମାଣ୍ଡ ଅଞ୍ଚଳରେ ଜଳସେଚନ ସଂପର୍କରେ ରିପୋର୍ଟ ଦେଇ ଦର୍ଶାଇଥିଲେ ଯେ ହିରାକୁଦ ନିର୍ମାଣ ସମୟରେ ୧,୦୯୪,୯୫୩ ଏକର ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଏହା ପ୍ରକୃତରେ ୪,୨୭,୯୪୨ ଏକର ଜମିକୁ ଜଳସେଚିତ କରୁଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୬୦% କମ୍ ।

ଏବେ ପୁଣି ହୀରାକୁଦର ଉପରେ ମୁଣ୍ଡରେ ନାନା ପ୍ରକାର ଷ୍ଟିଲ ଓ ସ୍ପଞ୍ଜଆଇରନ୍ କାରଖାନା ସାଙ୍ଗକୁ ତାପଜ ବିଦ୍ୟୁତ୍ କେନ୍ଦ୍ରମାନ ଗଢି ଉଠିଲାଣି । ଏସବୁ କାରଖାନାମାନଙ୍କୁ ହୀରାକୁଦ ଜଳଭଣ୍ଡାରରୁ ଜଳ ବ୍ୟବହାର କରିବା ନିମନ୍ତେ ସରକାର ଅନୁମତି ଦେଇଛନ୍ତି । ତେଣୁ ପୁଣି ବହୁ ଚାଷ ଜମି ଜଳସେଚନରୁ ବଞ୍ଚିତହେବେ । ୨୦୦୭ ମସିହା ନଭେମ୍ବର ୬ ତାରିଖରେ ୪୦ ହଜାରରୁ ଊର୍ଦ୍ଧ୍ୱ କୃଷକ ପଶ୍ଚିମ ଓଡିଶା 'କୃଷକ ସମନ୍ୱୟ କମିଟି'ର ଡାକରାରେ ହୀରାକୁଦ ବନ୍ଧକୁ ଦଖଲ କରି ନେଇଥିଲେ । ହୀରାକୁଦ ବନ୍ଧର ଜଳ ଶିଳ୍ପକୁ ନଦେଇ ଜଳସେଚନ ନିମନ୍ତେ ରଖିବା ଦାବୀ ନେଇ ଦୀର୍ଘଦିନ ହେଲା ଏହି 'ପଶ୍ଚିମ ଓଡିଶା କୃଷକ ସମନ୍ୱୟ କମିଟି' ଆନ୍ଦୋଳନ ଚଳାଇ ରଖିଛନ୍ତି । ଏ ଆନ୍ଦୋଳନ ଆହୁରି ତୀବ୍ର ହୋଇପାରେ । କାରଣ ସରକାର ୪୭୮ କ୍ୟୁସେକ୍ ଜଳ ଶିଳ୍ପକୁ ଦେବାକୁ ସ୍ଥିର କରିଛନ୍ତି । ଏକ କ୍ୟୁସେକ୍ ଜଳରେ ୧୦୦ ଏକର ଜମି ଜଳସେଚନ ହୋଇପାରିବ ।

ସେହିପରି ରେଙ୍ଗାଲି ବନ୍ଧଯୋଜନା ଏକ ବହୁମୁଖୀ ନଦୀବନ୍ଧ ଯୋଜନା ହୋଇଥିଲେ ମଧ୍ୟ ବନ୍ଧ ତିଆରି ହେବାର ୩୦ ବର୍ଷ ପରେ ଗୋଟିଏ ଏକରକୁ ମଧ୍ୟ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିଲା ନାହିଁ । ଏ ସବୁ ଉଦାହରଣ ଦେଖିବାପରେ ଲୋୟର ସୁକତେଲ

Digitized by srujanika@gmail.com

ଅଞ୍ଚଳରେ କୃଷକମାନେ ସରକାରଙ୍କର କଥାକୁ ବିଶ୍ୱାସକୁ ନେଉନାହାଁନ୍ତି । ୧୯୯୦ ଦଶକରେ ବାଲକୋ ଗନ୍ଧମାର୍ଦ୍ଦନ ପାହାଡରୁ ବକ୍‌ସାଇଟ୍ ଉତ୍ତୋଳନ କରିବାକୁ ଚେଷ୍ଟା କରୁଥିଲା । ବାଲକୋକୁ ବକ୍‌ସାଇଟ୍ ଖଣି ନଦେବା ନିମନ୍ତେ ସ୍ଥାନୀୟ ଆନ୍ଦୋଳନ ଫଳରେ ବାଲକୋ ହଟିଲା । କିନ୍ତୁ ଆଉ ଥରେ ଗନ୍ଧମାର୍ଦ୍ଦନ ବକ୍‌ସାଇଟ୍ ଖଣି ଲିଜ ନେବାକୁ ବହୁକମ୍ପାନୀ ଅପେକ୍ଷାରେ ଥିବାବେଳେ ଏବେ ଲୋୟର ସୁକତେଲ ବନ୍ଧକୁ ନିର୍ମାଣ କରାଯାଉଛି । ଆଲୁମିନା ପ୍ଲାଣ୍ଟ ସହିତ ନଦୀବନ୍ଧ ଯୋଜନାର ଏକ ସିଧାସଳଖ ସଂପର୍କ ରହିଛି । ହିରାକୁଦ ନଦୀବନ୍ଧ ହେବା ସହିତ ହିଣ୍ଡାଲ୍‌କୋ ଆଲୁମିନା ଫ୍ୟାକ୍ଟ୍ରି ହିରାକୁଦଠାରେ ପ୍ରତିଷ୍ଠିତ ହେଲା । ସେହିପରି ଇନ୍ଦ୍ରାବତୀ ବନ୍ଧ ହେବାପରେ କାଶୀପୁରଠାରେ ତିନୋଟି ଆଲୁମିନା ପ୍ଲାଣ୍ଟ ପାଇଁ ଚୁକ୍ତି ହୋଇଛି । ଆଲୁମିନା ପ୍ରସ୍ତୁତିରେ ଅଧିକ ଜଳ ଆବଶ୍ୟକ ହୋଇଥାଏ । ଏଥିରୁ ପ୍ରତୀୟମାନ ହୁଏଯେ ଭବିଷ୍ୟତରେ ଯେକୌଣସି ଆଲୁମିନିୟମ କମ୍ପାନୀ କିମ୍ବା ଅନ୍ୟ କମ୍ପାନୀ ପାଇଁ ଲୋୟର ସୁକତେଲ ଜଳଭଣ୍ଡାରରୁ ଜଳ ବ୍ୟବହାର କରିବା ନିମନ୍ତେ ଛାଡି ଦିଆଯାଇପାରେ, ଯାହା କେହି ଅସ୍ୱୀକାର କରିବେ ନାହିଁ । ତେଣୁ ସଂଗ୍ରାମ ପରିଷଦ, ସରକାରଙ୍କ ବଡବନ୍ଧ ବଦଳରେ ସୁକତେଲ ନଦୀରେ ଛୋଟ ଛୋଟ ଆନିକଟ୍ କରି ବିସ୍ତୃତ ଅଞ୍ଚଳକୁ ଜଳସେଚନ କରାନ୍ତୁ,ଏହାଦ୍ୱାରା କେହି ବିସ୍ଥାପିତ ହେବେ ନାହିଁ କି ନିଜର ଜୀବନ ଜିବୀକା ହରାଇବେ ନାହିଁ ବୋଲି ବିକଳ୍ପ ପ୍ରସ୍ତାବ ରଖିଛନ୍ତି । କିନ୍ତୁ ସରକାର ବିକଳ୍ପ ଉପରେ ଆଲୋଚନା କରିବାକୁ ନାରାଜ । ସୁତରାଂ ଚାଷଜମିକୁ ଜଳସେଚନ ସରକାରଙ୍କ ଏକ ଚାଲ ମଧ୍ୟ ହୋଇପାରେ । ପରେ ସେ ଡ୍ୟାମର ପାଣିକୁ କଂପାନୀମାନଙ୍କୁ ଦେଇପାରନ୍ତି ।

ସଂଗ୍ରାମ ପରିଷଦର ସଦସ୍ୟମାନେ ଅଭିଯୋଗ କରନ୍ତି ଯେ ଜିଲ୍ଲାର ମୁଖ୍ୟ ରାଜନୈତିକ୍ ଦଳର ମୁଖ୍ୟନେତା ମାନଙ୍କର ଶହଶହ ବେନମୀ ଜମିରେ ଜଳସେଚନପାଇଁ ସୁକତେଲ ପ୍ରକଳ୍ପ କରାଯାଉଛି । ଲୋୟର ସୁକତେଲ ଏକ ଚିରସ୍ରୋତା ନଦୀ ନୁହେଁ । ବର୍ଷର ଅଧିକାଂଶ ସମୟରେ ଏହା ଶୁଷ୍କ ଥାଏ । ପ୍ରଥମେ ସୁକତେଲ ଜଳ ଭଣ୍ଡାରରୁ ୧୮୭୩୫ ହେକ୍ଟର ଜମିରେ ଜଳ ଯୋଗାଣର ବ୍ୟବସ୍ଥା ଥିଲା । ଲୋଇସିଂହା ବ୍ଲକ୍‌ର ଧନୀ କୃଷକ, ରାଜା, ଜମିଦାର ଗଉଁତିଆ ଓ ରାଜନେତାମାନେ ବନ୍ଧର ଉଚ୍ଚତାକୁ ବଢାଇ ଅଧିକ ୧୩,୦୯୫ ହେକ୍ଟର ଜମିରେ ଜଳଯୋଗାଣ ନିମନ୍ତେ ଦାବୀ କରି ସମୁଦାୟ ୩୧୮୩୦ ହେକ୍ଟର ଜମିକୁ ଜଳଯୋଗାଣର ବ୍ୟବସ୍ଥା କଲେ । ତେବେ ଯୋଜନାର କାର୍ଯ୍ୟକାରିତା ନେଇ ସନ୍ଦେହ ରହିଛି । କେନାଲର ଶେଷମୁଣ୍ଡ ଆଡକୁ ହୁଏତ ଜଳସେଚନ ନ ହୋଇପାରେ । ହୀରାକୁଦ, ରେଙ୍ଗାଲି, ଅପର କୋଲାବର ଉଦାହରଣରୁ ଆମ୍ଭେମାନେ ଶିକ୍ଷା କରିବା ଉଚିତ୍ ।

ଓଡ଼ିଶା ସରକାରଙ୍କ ବରିଷ୍ଠ ଆଇ.ଏ.ଏସ୍. ଅଫିସର ଅନିତା ଅଗ୍ନିହୋତ୍ରି, ପୁନର୍ବାସ ଓ ଥଇଥାନ ବିଭାଗର ଦାୟୀତ୍ୱରେ ଥିଲାବେଳେ ଲୋୟର ସୁକତେଲ ପ୍ରକଳ୍ପ ଉପରେ ଏକ ରିପୋର୍ଟ (୨୦୦୬)[୯] ଦେଇଥିଲେ । ଲୋକଙ୍କ ଅଭିଯୋଗକୁ ଉଦ୍ଧୃତ କରି ସେ ରିପୋର୍ଟରେ

Digitized by srujanika@gmail.com

ମଧ୍ୟ ଏକଥା ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାର କେତେକ ପ୍ରଭାବଶାଳୀ ପରିବାର, ଯେଉଁମାନଙ୍କର କି ବହୁ 'ବେନାମୀ' ଜମି ରହିଛି, ସେମାନଙ୍କ ପାଇଁ ଏହି ପ୍ରକଳ୍ପ ହେଉଥିବା ଧାରଣା ସୃଷ୍ଟି ହେଉଛି । ସେଥିପାଇଁ ପ୍ରକଳ୍ପ କାମ ଆରମ୍ଭ ହେବାପୂର୍ବରୁ ଜଳସେଚିତ ଅଞ୍ଚଳରେ ପ୍ରକୃତରେ କିଏ ସୁବିଧା ପାଇବ ସେ ଦିଗରେ ଏକ ସର୍ଭେ କରିଯିବା ଆବଶ୍ୟକ ବୋଲି ସେ ତାଙ୍କ ରିପୋର୍ଟରେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ମାତ୍ର ଆମ ଜାଣିବାରେ ସେପରି କୌଣସି ସର୍ଭେ ଆଜି ସୁଦ୍ଧା ହୋଇନାହିଁ । ଏପରିକି ପ୍ରସ୍ତାବିତ ଜଳସେଚିତ ଅଞ୍ଚଳର ମ୍ୟାପ୍ ମଧ୍ୟ ସର୍ବସାଧାରଣରେ ଉପଲବ୍ଧ ନୁହେଁ । ତେଣୁ ସରକାରୀ କଳର ଲୁଚାଛପା ମନୋବୃତ୍ତି ଲୋକଙ୍କ ସନ୍ଦେହକୁ ଦ୍ୱିଗୁଣିତ କରୁଛି ।

ଏତଦ୍‌ବ୍ୟତୀତ ବନ୍ଧର ବ୍ୟୟ ଅଟକଳ ୧୦୪୧.୮୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଆମ ରାଜ୍ୟରେ ବନ୍ଧ ତିଆରିର ଅଭିଜ୍ଞତା ଯାହା ଉକ୍ତ ପ୍ରକଳ୍ପ ଶେଷ ହେବାବେଳକୁ ଏ ଖର୍ଚ୍ଚ ଆହୁରି ବଢି ଯାଇଥିବ । ଏବେ ଏକ ହେକ୍ଟର ଜମିରେ ଜଳସେଚନକୁ ଲୋୟର ସୁକତେଲରେ ହେକ୍ଟର ପିଛା ୪ଲକ୍ଷ ୪୩ହଜାର ୩୨୨ ଟଙ୍କା ପଡିବ । ଆଗକୁ ଏହା ବୃଦ୍ଧି ହୋଇପାରେ । ତେଣୁ ଏହା ଏକ ଅତ୍ୟନ୍ତ ବ୍ୟୟବହୁଳ ପ୍ରକଳ୍ପ । କୂଅ, ପୋଖରୀ, କଟା ନଳକୂଅ ଆନିକଟ୍ ଆଦି ମାଧ୍ୟମରେ ଜଳସେଚନ କଲେ ଏହାଠାରୁ ଯଥେଷ୍ଟ କମ୍ ଖର୍ଚ୍ଚରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ । ତେଣୁ ବିକଳ୍ପ ବ୍ୟବସ୍ଥାକୁ ପରୀକ୍ଷା ନିରିକ୍ଷା କରିବା ବାଞ୍ଛନୀୟ ।

ଲୋୟର ସୁକତେଲ ପ୍ରକଳ୍ପ କେନ୍ଦ୍ରସରକାର ପ୍ରବର୍ତ୍ତନ କରିଥିବା ଏକ୍‌ସେଲେରେଟେଡ୍ ଇରିଗେସନ୍ ବେନିଫିଟ୍ ପ୍ରୋଗ୍ରାମସରକାରଙ୍କ ଆର୍ଥିକ ସଂସ୍କାରର ଏକ ଅଂଶବିଶେଷ ଓ ଏହା କେବିକେ ଅଞ୍ଚଳର ଲଙ୍ଗ୍‌ଟର୍ମ ଆକ୍ସନ ପ୍ଲାନ୍ ଭିତରେ ଆସୁଛି । ତେଣୁ ଉକ୍ତ ପ୍ରୋଗ୍ରାମରେ ୧୦୪୧ କୋଟି ୮୧ ଲକ୍ଷ ଟଙ୍କା ଓଡିଶା ସରକାର କେନ୍ଦ୍ରରୁ ରଣ ସୂତ୍ରରେ ଆଣିଛନ୍ତି ଓ ପ୍ରତ୍ୟେକ ଓଡିଶାବାସୀ ଏ ରଣ ଶୁଝିବାକୁ ବାଧ୍ୟ । ଏ ଟଙ୍କା ଉପଯୁକ୍ତ ଖର୍ଚ୍ଚ ହେଉଛି କି ନାହିଁ, ତାହା ସମସ୍ତେ ଜାଣିବା ଦରକାର । ତେଣୁ ବଲାଙ୍ଗିର ଆକ୍ସନ୍ କମିଟିର 'ଆମ ବଲାଙ୍ଗିର ବିଷୟ ଆମକୁ ଚିନ୍ତା କରିବାକୁ ଛାଡି ଦିଆଯାଉ' କହିବା ଏକ ଅବାସ୍ତବ ତଥା ଅଗଣତାନ୍ତ୍ରିକ କଥା ।

ଏପରି ରଣର ଅନ୍ୟ ଏକ ଦିଗ ହେଲା ଯେ, ସରକାର ରଣ ଆଣିଲାବେଳେ ଜଳସେଚନ କ୍ଷେତ୍ରରେ ଆର୍ଥିକ ସଂସ୍କାର କାର୍ଯ୍ୟକାରୀ କରିବେ ବୋଲି ସର୍ତ୍ତରେ ରାଜି ହୋଇ ରଣ ଆଣିଛନ୍ତି । ତେଣୁ ପ୍ରକଳ୍ପ ଖର୍ଚ୍ଚ ବିନିଯୋଗ ବ୍ୟବହାରକାରୀଠାରୁ ଆଦାୟ କରାଯିବ । ଇଣ୍ଡିପେଡେଣ୍ଟ ୱାଟର ରେଗୁଲେଟରି ଅଥରିଟି ଗଠନ ହେବ ଓ ଏହା ଉପରେ ଜଳ ବିତରଣ ନ୍ୟସ୍ତ ହେବ । ତେଣୁ ଭବିଷ୍ୟତରେ ପ୍ରକଳ୍ପ ଜଳକୁ କମ୍ପାନୀମାନଙ୍କୁ ଦିଆଯିବାର ଆଶଙ୍କା ଉପୁଜିଛି ଓ ଜଳସେଚନର ଦର ଅତ୍ୟଧିକ ହୋଇପାରେ ।

Digitized by srujanika@gmail.com

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ବଲାଙ୍ଗିର ଜିଲ୍ଲାରେ ଦୁଇଟି ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଚୁକ୍ତି କରିଛନ୍ତି । ସେଗୁଡିକ ହେଲା ମୋଜରବିଅର ପାୱାର ଓ ଇନଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍, ଯେକି ୭୪୦୦ କୋଟି ଟଙ୍କା ବିନିଯୋଗରେ ୧୩୨୦ ମେଗାୱାଟ୍ ପ୍ଲାଣ୍ଟ ବସାଇବ ଓ ଦ୍ୱିତୀୟଟି ହେଲା ହେକ୍ସେ ପାୱାର ଲିମିଟେଡ୍, ଯେକି ୫୩୫୦ କୋଟି ଟଙ୍କା ବିନିଯୋଗରେ ୧୦୮୦ ମେଗାୱାଟ୍ ପାୱାର ଉତ୍ପାଦନ କରିବ । ଏହା ବଲାଙ୍ଗିରର କେଉଁ ଅଞ୍ଚଳରେ ହେବ ସେକଥା ଉଲ୍ଲେଖ ନାହିଁ । ତେଣୁ ଯାହା ଜଣାପଡେ ଏହି ଉଭୟ ପ୍ରକଳ୍ପର ଭାଗ୍ୟ ଲୋୟର ସୁକତେଲ ପ୍ରକଳ୍ପ ଉପରେ ନିର୍ଭର କରୁଛି । ତାପଜ ପ୍ରକଳ୍ପ ପାଇଁ କୋଇଲା ଓ ପାଣିର ଆବଶ୍ୟକତା ରହିଛି ଓ ବର୍ଜ୍ୟ ପାଉଁଶ ଯିବାପାଇଁ ନଦୀର ଆବଶ୍ୟକତା ଅଛି ।

ଲୋୟର ସୁକତେଲ ପ୍ରକଳ୍ପ ୧୫୭୫ ଏକର ଜଙ୍ଗଲ ଜମିକୁ ଜଳମଗ୍ନ କରିବ । ଜଙ୍ଗଲ ଜମି ସମେତ ଏକ ବିରାଟ ଅଞ୍ଚଳର ଜଙ୍ଗଲ ସମ୍ପଦ ଜଳମଗ୍ନ ହୋଇ ୨୯ଟି ଗାଁର ଲୋକଙ୍କୁ ଜଙ୍ଗଲ ସଂପଦରୁ ପ୍ରତିପାଳିତ ହେବାରୁ ବଞ୍ଚିତ କରିବ । ଉକ୍ତ ପ୍ରକଳ୍ପକୁ ୧୯୯୮ ମସିହା ଜୁନ୍ ୬ ତାରିଖରେ ଜଙ୍ଗଲ ଓ ପରିବେଶ ବିଭାଗରୁ ଅନୁମତି ମିଳିଥିଲା । ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିଣତ କରିବାକୁ ଏବଂ ସମପରିମାଣର ଜଙ୍ଗଲ ସୃଷ୍ଟି କରିବାକୁ ସର୍ତ୍ତ ମଧ୍ୟ ରଖାଯାଇଥିଲା । କିନ୍ତୁ ଓଡିଶା ସରକାର ଏପର୍ଯ୍ୟନ୍ତ କୌଣସି ନୂତନ ଜଙ୍ଗଲ ସୃଷ୍ଟି କରିନାହାଁନ୍ତି । ଓଡିଶାର ଅନ୍ୟ ଅନେକ ପ୍ରକଳ୍ପରେ ମଧ୍ୟ ଓଡିଶା ସରକାର ପ୍ରତିଶ୍ରୁତି ରକ୍ଷା କରି ଜଙ୍ଗଲ ସୃଷ୍ଟି କରି ନାହାଁନ୍ତି । ଏଠାରେ ମଧ୍ୟ ନୂତନ ଜଙ୍ଗଲ ସୃଷ୍ଟି କରିବା ଆଶାକ୍ଷୀଣ ।

କେନ୍ଦ୍ରସରକାରଙ୍କ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁସାରେ ଆଦିବାସୀମାନେ ବ୍ୟବହାର କରୁଥିବା ଅଥବା ଜୀବିକାପାଇଁ ନିର୍ଭରଶୀଳ ଜଙ୍ଗଲଜମି ଉପରେ ଗୋଷ୍ଠିଗତ ଅଧିକାର ଦେବାର ପ୍ରସ୍ତାବ ରହିଛି । ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ସରକାର ନେଇନାହାନ୍ତି । ଅଥଚ ସେହି ସବୁ ଜଙ୍ଗଲଜମିକୁ ବୁଡି ଅଞ୍ଚଳ ଭାବରେ ଘୋଷଣା କରିଛନ୍ତି ।

ଲୋୟର ସୁକତେଲ ବୁଡି ଅଞ୍ଚଳ ଏକ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ । ସ୍ଥାନୀୟ ଆଦିବାସୀ ଚାଷକାର୍ଯ୍ୟ ବ୍ୟତୀତ ବର୍ଷର ୪ମାସ ଜଙ୍ଗଲଜାତ ଦ୍ରବ୍ୟ ଯଥା:-ଫଳମୂଳ, କେନ୍ଦୁପତ୍ର, ହରିଡା,ବାହାଡା, ଅଁଳା, ଝୁଣା, ମହୁ, କେନ୍ଦୁ ଚାର କାଠ, ବାଉଁଶ ଆଦି ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି । ଜଙ୍ଗଲ ସେମାନଙ୍କ ଜୀବନ ଓ ଜୀବିକାର ଏକ ମୁଖ୍ୟ ଅଂଶ । ସୁକତେଲ ନଦୀରୁ ମାଛ ଧରିବା ଓ ଜଙ୍ଗଲରେ ପଶୁଶିକାର କରିବା ସେମାନଙ୍କର ଅନ୍ୟ ଏକ ବ୍ୟବସାୟ । ଜଙ୍ଗଲ ଜଳମଗ୍ନ ହେବାଦ୍ୱାରା ସେମାନେ ଜୀବିକା ହରାଇବେ ଏଥିରେ ସନ୍ଦେହ ନାହିଁ । କମିଟି ଭେଟିଥିବା କୁର୍ମିଆପାଲ୍ଲି ଗ୍ରାମ ଆଦିବାସୀ ବହୁଳ ଅଟେ । ସମୁଦାୟ ୨୧୦ ପରିବାରରୁ ୧୩୦ ପରିବାର ଆଦିବାସୀ । ଏଠାରେ ଗଣ୍ଡା, ବିଝାଂଲ, ଓ ସଉରା ଆଦିବାସୀ ଅଛନ୍ତି । ଏ ଗ୍ରାମରୁ ଲୋକେ ଦାଦନ ଯାଇନାହାଁନ୍ତି । ଏ ଅଞ୍ଚଳରେ କେବେ ମରୁଡି ହୋଇନାହିଁ । ମଜୁରୀ

Digitized by srujanika@gmail.com

ଏଠାରେ ଟ.୧୦୦/- । ଗ୍ରାମର ଅଧିକାଂଶଙ୍କ ପାଖରେ ଜମି ଅଛି । ଏତଦ୍‌ବ୍ୟତୀତ ପାଖ ଜଙ୍ଗଲ ଉପରେ ଗ୍ରାମବାସୀ ନିର୍ଭରଶୀଳ । ଖରାଦିନେ ୫ଫୁଟ ଖୋଳିଲେ ପାଣି ମିଳୁଛି । ତେଣୁ ପ୍ରତ୍ୟେକ ଜମିରେ ଚୁଆ ଖୋଳି ଖରାଟିଆ ଫସଲ ସାଙ୍ଗକୁ ପରିବା ମଧ୍ୟ ଗ୍ରାମବାସୀ କରୁଛନ୍ତି । ଯଦି ପ୍ରକଳ୍ପ ହୁଏ ତେବେ ପୁରା ଗାଁ ବୁଡ଼ି ଯିବ ଓ ଏ ସମସ୍ତ ଆଦିବାସୀ ପରିବାର ଭୂମିହୀନ ହୋଇଯିବେ । ଆଦିବାସୀ ଜମି ହଡପକାରୀଙ୍କଠାରୁ ଆଦିବାସୀଙ୍କୁ ସୁରକ୍ଷା କରିବାପାଇଁ ସମ୍ବିଧାନରେ ବ୍ୟବସ୍ଥା ଥିଲାବେଳେ ସରକାର ନିଜେ ଆଦିବାସୀର ଜମିହଡପକାରୀ ସାଜିବା ସମ୍ବିଧାନକୁ ଆଖିଠାର ସଦୃଶ । ଏହିପରି ବହୁ ଆଦିବାସୀ ପରିବାର, ପ୍ରକଳ୍ପ ହେଲେ, ଏ ଅଞ୍ଚଳରେ ଭୂମିହୀନ ହୋଇଯିବେ । ସ୍ଥାନୀୟ ଆଦିବାସୀମାନେ ଜଙ୍ଗଲ ସଫା କରି ନିଜଚେଷ୍ଟାରେ ଚାଷଜମି ତିଆର କରିଛନ୍ତି । ଯଦିଓ ସରକାର ଜଙ୍ଗଲ ଆଇନ ୨୦୦୬ ଅନୁସାରେ ଜଙ୍ଗଲ ମଧ୍ୟରେ ଲୋକଙ୍କୁ ସେମାନଙ୍କର ଚାଷଜମି ଓ ଘରଡିହ ଉପରେ ପଟ୍ଟାଦେବାର ବ୍ୟବସ୍ଥା କରିଛନ୍ତି, ବୁଡ଼ି ଅଞ୍ଚଳର କୌଣସି ଆଦିବାସୀ ଜମିପଟ୍ଟା ନିମନ୍ତେ ଦରଖାସ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଟ୍ଟା ପାଇନାହାଁନ୍ତି । ତେଣୁ ସେମାନେ ବିସ୍ଥାପିତ ହେଲେ ନିଜେ ବ୍ୟବହାର କରୁଥିବା ଉକ୍ତ ଜଙ୍ଗଲ ଜମି ଗୁଡିକର ପଟ୍ଟାନଥିବାରୁ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ । ଜଙ୍ଗଲ ଏକ ସର୍ବ ସାଧାରଣ ସଂପତ୍ତି ହୋଇଥିବାରୁ ଏଥିରୁ ବଞ୍ଚିତ ହେଉଥିବା ଜନସମୂହକୁ କ୍ଷତିପୂରଣ ଦେବାର କୌଣସି ବ୍ୟବସ୍ଥା ନାହିଁ । ଜଙ୍ଗଲ ସମେତ ସର୍ବସାଧାରଣ ସଂପତ୍ତି, ନଦୀ ନାଳ ବନ୍ଧ, କଟା, ସ୍କୁଲ, ଶ୍ମଶାନ, ଡାକ୍ତରଖାନା, ପୋଷ୍ଟ ଅଫିସ୍, ରାସ୍ତା ଆଦିର ଭରଣା କେହି କରିବେନାହିଁ । ଏସବୁ କ୍ଷୟକ୍ଷତିର ଆକଳନ ମଧ୍ୟ ଏ ପର୍ଯ୍ୟନ୍ତ କରାଯାଇନାହିଁ । ତେଣୁ କ୍ଷତିପୂରଣ ମାଧ୍ୟମରେ ଏସବୁ ଭରଣା କରାଯାଇପାରିବ ନାହିଁ ।

୪. ଲୋୟର ସୁକତେଲ ବୁଡ଼ି ଅଞ୍ଚଳ ସଂଗ୍ରାମ ପରିଷଦ ଓ ବନ୍ଧବିରୋଧୀ ଆନ୍ଦୋଳନ

ସେ ଦିନ ଥିଲା ଅକ୍ଟୋବର ମାସ ୧୦ ତାରିଖ ୧୯୯୭ ମସିହା । ତତ୍‌କାଳୀନ ବଲାଙ୍ଗିର ଜିଲ୍ଲାପାଳଙ୍କ ଅଧକ୍ଷତାରେ ଚୂଡାପାଲି ଗ୍ରାମରେ ଏକ ଜନଶୁଣାଣିରେ ମୋଟ ୩୦ ଜଣ ବ୍ୟକ୍ତି ଭାଗ ନେଇଥିଲେ । ୨୯ଜଣ ବ୍ୟକ୍ତି ଲୋୟର ସୁକତେଲ ପ୍ରକଳ୍ପ ବିରୁଦ୍ଧରେ ମତାମତ ଦେଇଥିବାବେଳେ କେବଳ ଜଣେ ମାତ୍ର ବ୍ୟକ୍ତି ବନ୍ଧ ସପକ୍ଷରେ ମତ ବ୍ୟକ୍ତ କରିଥିଲେ । କିନ୍ତୁ ସରକାରୀ ରିପୋର୍ଟରେ ସମସ୍ତ ୩୦ ଜଣ ବ୍ୟକ୍ତି ପ୍ରକଳ୍ପ ସପକ୍ଷରେ ମତ ଦେଇଛନ୍ତି ବୋଲି ତତ୍‌କାଳୀନ ଜିଲ୍ଲାପାଳ ରିପୋର୍ଟ ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି । ୨୦୦୨ ମସିହାରେ ମଧ୍ୟ ଡୁଙ୍ଗୁରିପାଲି ସମେତ ଅନ୍ୟାନ୍ୟ ପଞ୍ଚାୟତଗୁଡ଼ିକରେ ମଧ୍ୟ ଗ୍ରାମସଭା ମାଧ୍ୟମରେ ଲୋୟର ସୁକତେଲ ବନ୍ଧ ବିରୁଦ୍ଧରେ ପ୍ରସ୍ତାବ ପାଶ ହୋଇଥିଲା । ୨୦୧୨ ମସିହା ଅକ୍ଟୋବର ୨ ତାରିଖରେ ଯେତେବେଳେ ସମଗ୍ର ଓଡିଶାର ସମସ୍ତ

Digitized by srujanika@gmail.com

ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହେଉଥିଲା ସେ ସମୟରେ ପ୍ରକଳ୍ପ ଅଞ୍ଚଳର ସମସ୍ତ ଗ୍ରାମସଭାରେ ପ୍ରକଳ୍ପ ବିରୁଦ୍ଧରେ ପ୍ରସ୍ତାବ ପାଶ ହୋଇସାରିଛି । ଏ ସବୁ ସତ୍ତ୍ୱେ ଓଡିଶା ସରକାର ପ୍ରକଳ୍ପ କାର୍ଯ୍ୟକୁ ଜୋରଜବରଦସ୍ତ ଅଗଣତାନ୍ତ୍ରିକ ଭାବରେ ଆଗେଇ ନେବାରେ ଲାଗିଛନ୍ତି ।

ଓଡିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦୦୧ ମସିହା ନଭେମ୍ବର ୨୪ ତାରିଖରେ ଲୋୟର ସୁକତେଲ ବନ୍ଧ ଶିଳାନ୍ୟାସ କରିବାକୁ ଆସିଥିଲେ । କିନ୍ତୁ ବୁଡି ଅଞ୍ଚଳର ଲୋକଙ୍କ ପ୍ରବଳ ପ୍ରତିବାଦ ହେତୁ ସେ ବନ୍ଧ ନିକଟକୁ ଯାଇ ନପାରି ହେଲିପ୍ୟାଡ୍‌ଠାରେ ଶିଳାନ୍ୟାସ କରି ଚାଲିଯାଇଥିଲେ । ସେ ଦିନ ବନ୍ଧ ବିରୋଧରେ ବିକ୍ଷୋଭରେ ଭାଗ ନେଇ ବହୁଲୋକ ଗିରଫ ମଧ୍ୟ ହୋଇଥିଲେ ।

୨୦୦୧ ମସିହା ଡିସେମ୍ବର ୧୦ ତାରିଖ । ଏହା ମାନବ ଅଧିକାର ଦିବସ । ଏହି ଦିବସରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ମାନବ ଅଧିକାର ଆୟୋଗଙ୍କୁ ଲୋୟର 'ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ' ଏକ ଦାବୀପତ୍ର ଦେଇଥିଲା । ସେମାନଙ୍କର ମାନବିକ ଅଧିକାରକୁ କ୍ଷୁଣ୍ଣ କରି ସେମାନଙ୍କୁ ଜୋର ଜବରଦସ୍ତ ବିସ୍ଥାପିତ କରା ନଯିବା ନିମନ୍ତେ ସେଥିରେ ନିବେଦନ କରାଯାଇଥିଲା । ୨୦୦୨ ମସିହା ଜାନୁଆରୀ ୭ ତାରିଖରେ ପାଟଣାଗଡ-ବଲାଙ୍ଗିର ରାସ୍ତା ଅବରୋଧ କରାଯାଇ ପ୍ରତିବାଦ କରାଯାଇଥିଲା । ୨୦୦୨ ମସିହା ଜୁଲାଇ ମାସ ୨୩ ତାରିଖରେ ବୁଡି ଅଞ୍ଚଳ ଲୋକମାନେ ବଲାଙ୍ଗିରଠାରେ ବିକ୍ଷୋଭ ପ୍ରଦର୍ଶନ କରି ଆର.ଡି.ସି.ଙ୍କୁ ବନ୍ଧ ବିରୋଧରେ ଏକ ଦାବୀପତ୍ର ଦେଇଥିଲେ । ୨୦୦୨ ମସିହା ଡିସେମ୍ବର ୧୦ ତାରିଖରେ ବିଖ୍ୟାତ ପରିବେଶବିତ୍ ଡଃ ବି.ଡି.ଶର୍ମା ଗଡଶଙ୍କର ଡୁଙ୍ଗୁରିପାଲିଠାରେ ଆୟୋଜିତ ଏକ ଜନସଭାରେ ବୁଡି ଅଞ୍ଚଳ ଲୋକମାନଙ୍କୁ ସମର୍ଥନ କରିଥିଲେ । ୨୦୦୩ ମସିହା ଫେବୃୟାରୀ ମାସ ୨୧ ତାରିଖରେ 'ନର୍ମଦା ବଚାଓ ଆନ୍ଦୋଳନ'ର ବିଶିଷ୍ଟ ନେତ୍ରୀ ମେଧାପାଟକର ବୁଡି ଅଞ୍ଚଳ ଗସ୍ତ କରି ବନ୍ଧବିରୋଧୀ ଆନ୍ଦୋଳନକୁ ସମର୍ଥନ ଦେଇଥିଲେ । ୨୦୦୩ ମସିହା ଅଗଷ୍ଟ ୧୫ ତାରିଖରେ 'ଲୋକଶକ୍ତି ଅଭିଯାନ'ର ନେତା ପ୍ରଫୁଲ ସାମନ୍ତରାୟ ମଧ୍ୟ ବୁଡି ଅଞ୍ଚଳ ଗସ୍ତକରି ବନ୍ଧବିରୋଧୀ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଏହାବ୍ୟତୀତ ବହୁ ବ୍ୟକ୍ତିବିଶେଷ ଓ ବିଭିନ୍ନ ଜନଆନ୍ଦୋଳନର ସାଥିମାନେ ବିଭିନ୍ନ ସମୟରେ ଅଞ୍ଚଳକୁ ଆସି ନିଜର ସମର୍ଥନ ଦେଇଛନ୍ତି ଓ ଏହି ଡ୍ୟାମବିରୋଧି ଆନ୍ଦୋଳନର ପ୍ରସାର ଓ ପ୍ରଚାର କରାଇଛନ୍ତି ।

ସେ ଦିନ ୨୦୦୫ ମସିହା ମେ ମାସ ୧୧ ତାରିଖ । ସ୍ଥାନୀୟ ବିଧାୟକ ଓ କଂଗ୍ରେସନେତା ନରସିଂହ ମିଶ୍ର ସ୍ପିଲୱେର ଭୂମିପୂଜା କରିବାକୁ ଆସି ଘୋର ବିରୋଧର ସମ୍ମୁଖୀନ ହେଲେ । ସେ ତାଙ୍କର ଭୂମିପୂଜା ନିମନ୍ତେ ୧୧ ପ୍ଲାଟୁନ୍ ପୋଲିସ୍ ସଙ୍ଗରେ ଆଣିଥିଲେ । ଭୂମିପୂଜାକୁ ବିରୋଧ କରନ୍ତେ ସ୍ଥାନୀୟ ବୁଡିଅଞ୍ଚଳର ଲୋକଙ୍କ ଉପରେ ଅତି ନିର୍ଦ୍ଦୟ ଭାବରେ ଲାଠି ପ୍ରହାର ହେଲା । ସେ ଦିନ ୫୬ ଜଣଙ୍କୁ ପୋଲିସ୍ ଗିରଫ ମଧ୍ୟ କରିଥିଲା । ତେଣୁ ତାର ପ୍ରତିବାଦରେ ଲୋକମାନେ ଡୁଙ୍ଗୁରିପାଲି ଠାରେ ପୋଲିସ୍ ଫାଣ୍ଡିକୁ ଘେରାଉ କରି ଲୋକମାନଙ୍କୁ

Digitized by srujanika@gmail.com

ଛାଡିଦେବାକୁ ଦାବୀ କରିବାରୁ ପୋଲିସ୍ ଗ୍ରାମମଧ୍ୟରେ ପ୍ରବେଶ କରି ଆବାଳବୃଦ୍ଧବନିତା ସମସ୍ତଙ୍କୁ ଘରୁ ଟାଣିଆଣି ପିଟିଥିଲା । ଉକ୍ତ ଆକ୍ରମଣର କିଛିଦିନ ପରେ ଗୁରୁବାରି ସାହୁ (୫୫), ନଗେନ୍ଦ୍ର ଗଡତିଆ ଓ ଯଦୁ ପ୍ରଧାନ ପ୍ରାଣ ହରାଇଲେ । ଧ୍ରୁବଚରଣ ପ୍ରଧାନଙ୍କ କାନ୍ଧହାଡ ଭାଙ୍ଗି ଯାଇଥିଲା । ବହୁଲୋକ ଗିରଫ ହୋଇ ମିଥ୍ୟା କେଶରେ କାରାବରଣ କଲେ । ମହିଳା କମିଶନ ଉକ୍ତ ବିଷୟର ସରଜମିନ୍ ତଦନ୍ତ ମଧ୍ୟ କରିଥିଲେ । କିନ୍ତୁ କୌଣସି ସରକାରି କର୍ମଚାରୀ କିମ୍ବା ପୋଲିସ୍‌ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା ।

ଏହିପରି ଭାବରେ ଆଜକୁ ୧୫ ବର୍ଷଧରି ସ୍ଥାନୀୟ ବୁଡି ଅଞ୍ଚଳର ବାସିନ୍ଦା ଗଣତାନ୍ତ୍ରିକ ପନ୍ଥାରେ ସେମାନଙ୍କର ଭିଟାମାଟି ଓ ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ଲଢାଇ କରି ଆସୁଛନ୍ତି । 'ଲୋୟର ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ' ସେମାନଙ୍କ ଦାବୀ ଦେଶର ପ୍ରଧାନମନ୍ତ୍ରୀ, ରାଜ୍ୟର ମୁଖ୍ୟମନ୍ତ୍ରୀ, ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ, ଆରଡିସି, ଜିଲ୍ଲାପାଳ ଏହିପରି ପାହାଚ ପାହାଚ କରି ଉପରୁ ତଳ ପର୍ଯ୍ୟନ୍ତ ଅଧିକାଂଶ ରାଜନେତା ଓ ଅମଲାମାନଙ୍କୁ ଜଣାଇ ଆସୁଛନ୍ତି । ସେମାନେ ସବୁବେଳେ ସେମାନଙ୍କର ଦାବୀ ମଧ୍ୟରେ ଲୋୟର ସୁକତେଲ ନଦୀବନ୍ଧ ଯୋଜନା ବଦଳରେ ଛୋଟ ଛୋଟ ଆନିକଟ୍ କରି ସୁକତେଲ ନଦୀରୁ ଜଳସେଚନ ଓ ବଲାଙ୍ଗିର ସହରକୁ ଜଳଯୋଗାଣ କରିବା ନିମନ୍ତେ ଦାବୀ କରି ଆସୁଛନ୍ତି । ଏହା ହୋଇପାରିଲେ ପ୍ରକଳ୍ପ ଦ୍ୱାରା ଲୋକ ବିସ୍ଥାପିତ ହେବେ ନାହିଁ କି ଜଙ୍ଗଲ ନଷ୍ଟ ହେବନାହିଁ । ଏତଦ୍‌ବ୍ୟତୀତ ସରକାର ଉଠା ଜଳସେଚନବନ୍ଧ, କଟା ଓ ଆନିକଟ୍ ଆଦିର ପାରମ୍ପରିକ ଜଳ ଉତ୍ସ ମାନଙ୍କରୁ ବଲାଙ୍ଗିରର ବହୁତ ଅଞ୍ଚଳକୁ ଜଳସେଚନ କରିପାରିବେ । ଏହାଦ୍ୱାରା ଅତି କମ୍ ଖର୍ଚ୍ଚରେ ଅଧିକ ଜଳସେଚନ ହୋଇପାରିବ । କିନ୍ତୁ ଓଡିଶା ସରକାର ଉପରୋକ୍ତ ବିକଳ୍ପକୁ ବିଚାରକୁ ନେବା ବଦଳରେ ଜିଦ୍‌ଖୋର ମନୋବୃତ୍ତିରେ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବାକୁ ବସିଛନ୍ତି । ଏହାର ଅଂଶବିଶେଷ ୨୦୧୩ ମସିହା ଜାନୁଆରି ୧୨ ତାରିଖରେ ମୁଖ୍ୟ ଶାସନସଚିବଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଏକ ଆଲୋଚନା ନିମନ୍ତେ ସଂଗ୍ରାମ ପରିଷଦକୁ ଡାକରା ଆସିଥିଲା । ନିଷ୍ପତ୍ତି ଅନୁଯାୟୀ କ୍ଷତିଗ୍ରସ୍ତ ଗ୍ରାମର ୧୧ ଜଣ ପ୍ରତିନିଧି ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ଆଲୋଚନାରେ ଭାଗ ନେଇଥିଲେ । ଏହି ବୈଠକରେ ଜଳ ସଂପଦ ସଚିବ, ରାଜସ୍ୱ ଆଯୁକ୍ତ, ଆର.ଡି.ସି. ଓ ସ୍ଥାନୀୟ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ସଂଗ୍ରାମ ପରିଷଦ ପକ୍ଷରୁ ବଲାଙ୍ଗିର ଜଳସେଚନ ଓ ପାନୀୟ ଜଳଯୋଗାଣ ନିମନ୍ତେ ବଡ ବନ୍ଧ ପରିବର୍ତ୍ତେ ଛୋଟ ଛୋଟ ଆନିକଟ୍ ଓ ଜଳ ବିଭାଜିକା ସବୁ ତିଆରି କରି ଜଳସେଚନ କରିବାକୁ ପ୍ରସ୍ତାବ ରଖାଯାଇଥିଲା । ଏଥି ସହିତ ପାରମ୍ପରିକ ଜଳ ଉତ୍ସ ଯଥା ବନ୍ଧ କଟା, ପୋଖରି, କୂଅ ଆଦିର ପୁନରୁଦ୍ଧାର କରାଯାଇ ଜଳସେଚନ ନିମନ୍ତେ ଅର୍ଥ ବିନିଯୋଗ କଲେ ଜଙ୍ଗଲ ଜମି ସୁରକ୍ଷା ହେବା ସହିତ ବିସ୍ଥାପନର ସମସ୍ୟା ରହିବ ନାହିଁ ବୋଲି ପରିଷଦ ଆଲୋଚନାରେ ମତ ରଖିଥିଲା । କିନ୍ତୁ ଓଡିଶା ସରକାର ସଂଗ୍ରାମ ପରିଷଦର ଉପରୋକ୍ତ ମତକୁ ନଜର ଅନ୍ଦାଜ

Digitized by srujanika@gmail.com

କରିଥିଲେ । ଏହି ବୈଠକର ଅଳ୍ପଦିନ ପରେ ବଲାଙ୍ଗିର ଜିଲ୍ଲାପାଳଙ୍କ ପାଖରୁ ସଂଗ୍ରାମ ପରିଷଦକୁ ଡାକରା ଆସିଲା, ଲୋୟର ସୁକତେଲ ପ୍ରକଳ୍ପର ସମୀକ୍ଷା ଓ ବିସ୍ଥାପିତମାନଙ୍କ ସମସ୍ୟା ବିଷୟ ଆଲୋଚନା କରିବାପାଇଁ । ଏହି ଡାକରାକୁ ସଂଗ୍ରାମ ପରିଷଦ ସିଧାସଳଖ ପ୍ରତ୍ୟାଖ୍ୟାନ କରି ବୈଠକରେ ଯୋଗ ଦେଇ ନଥିଲା । କାରଣ ସଂଗ୍ରାମ ପରିଷଦ ସଂପୂର୍ଣ୍ଣ ଭାବରେ ବନ୍ଧ ତିଆରକୁ ବିରୋଧ କରୁଥିବାରୁ କ୍ଷତିପୂରଣ ଓ ଥଇଥାନ ବିଷୟ ଆଲୋଚନା କରିବାର ଆବଶ୍ୟକତା ଅନୁଭବ କରିନଥିଲା ।

ବଲାଙ୍ଗିର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ସେଚପ୍ରକଳ୍ପର ସ୍ପିଲୱେର ଲେ-ଆଉଟ୍ କାମ ୨୦୧୩ ମସିହା ଏପ୍ରିଲ୍ ୮ ତାରିଖରେ ମାଗୁରବେଡାଠାରେ ଆରମ୍ଭ ହେଲା । ବିରୋଧକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ସ୍ୱରୂପ ୧୦ ପ୍ଲାଟୁନ୍ ପୋଲିସ୍ ଆଗରୁ ସଜାଗ ଥିଲେ । ଉକ୍ତ ପ୍ରକଳ୍ପକୁ ବିରୋଧ କରୁଥିବା ସଂଗ୍ରାମ ପରିଷଦର ୧୫/୨୦ ଜଣ ସଦସ୍ୟ ଆସି ପ୍ରକଳ୍ପକୁ ବିରୋଧ କରି ଧାରଣାରେ ବସିଲେ । କିନ୍ତୁ ସ୍ପିଲୱେ କାମ ଚାଲୁ ରହିଥିଲା । ଅତ୍ୟଧିକ ଖରା ସତ୍ତ୍ୱେ ଏପ୍ରିଲ ୯ ତାରିଖ ଦିନ ସ୍ପିଲୱେ ନିର୍ମାଣ ସ୍ଥଳରେ ବୁଡି ଅଞ୍ଚଳର ୧୨ ଖଣ୍ଡ ଗ୍ରାମର ପୁରୁଷ ମହିଳା ଓ ଛୋଟ ପିଲାମାନଙ୍କ ସମେତ ଶହ ଶହ ଲୋକ ପ୍ରକଳ୍ପକୁ ବିରୋଧ କରି ତାତିଲା ବାଲିରେ ଧାରଣାରେ ବସିଲେ । ପୋଲିସ୍ ମହିଳା ଓ ପିଲାମାନଙ୍କୁ ଘଟଣାସ୍ଥଳରୁ ଘଉଡାଇ ଦେଇ ୭୨ ଜଣ ପୁରୁଷଲୋକଙ୍କୁ ଗିରଫକରି ପ୍ରଥମେ ମାଗୁରବେଡା ଫାଣ୍ଡି ଓ ପରେ ବଲାଙ୍ଗିର ସଦରଥାନାକୁ ଆଣିଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପି ଆର ବଣ୍ଡରେ ଛାଡି ଦେଇ ଅନ୍ୟ ୬୮ ଜଣଙ୍କୁ ଜେଲକୁ ପଠାଇ ଦିଆଗଲା । ଏମାନଙ୍କ ନାମରେ ଫୌଜଦାରୀ ଧାରା ୫୦୭, ୫୦୫, ୩୫୩, ୩୩୪, ୩୩୬, ୩୬୭ ଆଦିରେ କେଶ୍ ଦିଆଯାଇଛି । ଏପ୍ରିଲ୍ ୧୦ ଓ ୧୧ ତାରିଖରେ ମଧ୍ୟ ବିରୋଧ ଜାରି ରହିଥିଲା ଓ ୧୧ ଜଣଙ୍କୁ ଗିରଫ କରାଯାଇଥିଲା । ପୋଲିସ୍ କାର୍ଯ୍ୟାନୁଷ୍ଠାନ ସମୟରେ କୁର୍ମିଆପାଲ୍ଲିର ଜଣେ ମହିଳା କୁମାରୀ ବରିହା ଅଚେତ ହୋଇ ବଲାଙ୍ଗିର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ବିରୋଧ ପ୍ରଦର୍ଶନରେ ସାମିଲହୋଇ ଅଂଶୁଘାତରେ ରାଜକିଶୋର ଉଦରକୁଲିଆଙ୍କର ମୃତ୍ୟୁ ହୋଇଥିଲା । ଏପ୍ରିଲ୍ ୧୧ ତାରିଖରେ ବିରୋଧ ସମୟରେ ୧୬ ଜଣଙ୍କୁ ଗିରଫ କରାଗଲା ।

ଏପ୍ରିଲ ୧୬ ତାରିଖରେ ଜନଗଣଙ୍କ ବିରୋଧ ସତ୍ତ୍ୱେ ପୋଲିସ୍ ଜୁଲୁମ୍ ଦ୍ୱାରା ଭୟଭୀତ କରାଇ ନିର୍ମାଣ କାର୍ଯ୍ୟ ଚାଲୁରଖିବା ସମ୍ବାଦ ପ୍ରଚାରିତ ହେବା ଫଳରେ 'ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ'ର ଏକ ପ୍ରତିନିଧି ଦଳ ଏହାର ଜେନେରାଲ ସେକ୍ରେଟାରୀ ନିରଂଜନ ବିଶିଙ୍କ ନେତୃତ୍ୱରେ ଏହି ଅଞ୍ଚଳ ଗସ୍ତକରି ବିକ୍ଷୋଭକାରୀଙ୍କ ଦାବୀପ୍ରତି ସମର୍ଥନ ଜଣାଇଲେ । ସେଦିନ ଏକ ବିରାଟ ଜନ ସମାଗମ ମଧ୍ୟ ହୋଇଥିଲା ।

Digitized by srujanika@gmail.com

ଏପ୍ରିଲ୍ ୨୯ ତାରିଖରେ ଆନ୍ଦୋଳନ ଆହୁରି ବ୍ୟାପକ ହୋଇଥିଲା । ଆଦିବାସୀ କଲ୍ୟାଣ ସଂଘ ଓ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ପରିଧିଆପାଲିଠାରୁ ମାଗୁରବେଡା ଡ୍ୟାମ୍‌ସାଇଡ୍‌କୁ ଯାଇଥିବା ରାସ୍ତାକୁ ଅବରୋଧ କରାଯାଇଥିଲା । ଫଳରେ ନିର୍ମାଣସ୍ଥଳକୁ ଗାଡି ଓ ଅନ୍ୟାନ୍ୟ ସରଞ୍ଜାମ ଯାଇପାରିନଥିଲା । ତେଣୁ ୧୨ ପ୍ଲାଟୁନ୍ ପୋଲିସ୍ ମଗାଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଲାଠିଚାଳନା କରାଗଲା । ଝୁରି ଦଣ୍ଡସେନା ନାମକ ଜଣେ ୧୮ ବର୍ଷର ଝିଅକୁ ପୋଲିସ୍‌ମାନେ ତାର ଚୁଟିଧରି ମାଡ ମାରିଥିଲେ । ଟିଭି ୨୪ ଚାନେଲର ବରଗଡ ସାମ୍ବାଦିକ ଅମିତାଭ ପାତ୍ର ପୋଲିସ୍‌ର ଏହି ବର୍ବର କାଣ୍ଡର ଫଟୋ ଉଠାଉଥିବାବେଳେ ପୋଲିସ୍ ତାଙ୍କୁ ମାଡମାରି ତାଙ୍କର କେମେରା ଭାଙ୍ଗି ଦେଇଥିଲା । ଏପରିକି ଘଟଣା ଅନୁଧ୍ୟାନ କରିବାକୁ ଆସିଥିବା ନିସାନ ପତ୍ରିକାର ସଂପାଦକ ଲେନିନ୍ ରାୟଙ୍କୁ ମଧ୍ୟ ପୋଲିସ୍ ଗିରଫ କଲା । ୭ ଜଣ ପୁରୁଷ ଓ ୯ଜଣ ମହିଳାଙ୍କ ସମେତ ମୋଟ ୧୬ଜଣଙ୍କୁ ପୋଲିସ୍ ଗିରଫ କଲା । ଲାଠିମାଡରେ ବହୁତ ପୁରୁଷ ଓ ମହିଳା ଆହତ ମଧ୍ୟ ହୋଇଥିଲେ । ଗଣତାନ୍ତ୍ରିକ ଉପାୟରେ ଗୋଟିଏ ନଦୀବନ୍ଧ ଯୋଜନାକୁ ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକମାନଙ୍କ ବିରୋଧକୁ ପୋଲିସ୍‌ର ଅମାନୁଷିକ ଦମନଲୀଳାରେ ମାଡି ମକଚି ଦେବା କାର୍ଯ୍ୟ ମାନବ ଅଧିକାର ତଥା ଗଣତନ୍ତ୍ରର ପରିପନ୍ଥୀ ।

୫. ଏପ୍ରିଲ ୨୯ ତାରିଖର ଘଟଣା

ଏପ୍ରିଲ ୨୯ ତାରିଖ ପୂର୍ବରାତିରେ ବେଶ କିଛି ଲୋକ ଜଙ୍ଗଲରେ ଶୋଇଥିଲେ । ପରିଷଦର ନିଷ୍ପତ୍ତି ଥିଲା ସକାଳୁ ସକାଳୁ ଡ୍ୟାମ୍ ଅଞ୍ଚଳକୁ ଯାଇ କାମ ବନ୍ଦକରିବା, ହେଲେ ଲୋକେ ଯିବାବେଳକୁ ପୋଲିସ୍ ପହଞ୍ଚି ସାରିଥିଲା । ପୋଲିସ୍ ସେଠାରେ IPC ଧାରା 144 ଲାଗୁ କରିଥିବା କଥା ଘୋଷଣା କରିଥିଲା । ମାତ୍ର IPC ର ଧାରା 144 କୁହେ ଯଦି କୌଣସି ପକ୍ଷ ମାରଣାସ୍ତ୍ର ଧରି ବେନିୟମ ଭାବରେ ଏକାଠି ହୁଅନ୍ତି ଓ ତାହାଦ୍ୱାରା ଦଙ୍ଗାର ସ୍ଥିତି ଉପୁଜୁଥାଏ ତେବେ ପାଞ୍ଚଜଣ ଓ ତାହାଠାରୁ ଅଧିକ ଲୋକ ଏକାଠି ହେବାରେ ବାରଣ କରାଯାଇଥାଏ । ମାତ୍ର ଘଟଣାସ୍ଥଳରେ ସେଦିନ ପୋଲିସ୍ ପାଖରେ ବରଂ ମାରଣାସ୍ତ୍ର ଥିଲା ଓ ଲୋକେ ନିରସ୍ତ୍ର ଥିଲେ । ସେମାନେ ନିଜ ଜମିରେ ଜବରଦସ୍ତି କାମ ଚାଲୁଥିବାକୁ ବିରୋଧ କରୁଥିଲେ । ଜି.ଡୁଙ୍ଗୁରିପାଲିର ବିବେକାନନ୍ଦ ସାହୁ କମିଟିକୁ କୁହନ୍ତି ସ୍ପିଲୱେ କାମ ଚାଲିଥିବା ଅଞ୍ଚଳରେ ବାପାଙ୍କ ନାମରେ ଚାରିଏକର ଜମି ଅଛି । ବାପାଙ୍କ ନାମ ଯୁବରାଜ ସାହୁ । ସେ କ୍ଷତିପୂରଣ ନେଇ ନାହାନ୍ତି କି ନୋଟିସ୍ ମଧ୍ୟ ଗ୍ରହଣ କରିନାହାଁନ୍ତି । ମାତ୍ର ଆମର ଜମିରେ ଜବରଦସ୍ତି ମେସିନ୍ ଲଗାଇ ପୋଲିସ୍ ଓ ସରକାର କାମ କରୁଛନ୍ତି ।

ପୋଲିସ୍‌ର ଧାରା 144 କୁ ଅବମାନନା କରିବା ହେତୁ ର୍‍ୟାଲିର ସମ୍ମୁଖରେ ଥିବା ମହିଳାଙ୍କ ଉପରେ ପ୍ରଥମେ ଲାଠିଚାର୍ଜ ଆରମ୍ଭ ହେଲା । ତା'ପୂର୍ବରୁ ପୋଲିସ୍ ସହିତ ହୋଇଥିବା

Digitized by srujanika@gmail.com

ଯୁକ୍ତି ସଂପର୍କରେ ଡୁଙ୍ଗୁରିପାଲିର ପାଞ୍ଚାଳୀ ପ୍ରଧାନ କୁହନ୍ତି "ଆମକୁ ଆସି ପୋଲିସ୍ 144 ଧାରା ଲାଗୁହେବା କଥା କହିଲା । ମୁଁ ଜବାବ ଦେଲି 'ସରକାରୀ ଆଇନ କ'ଣ ଆଜ୍ଞା ? ସରକାର ତ ଆମର ଦାବୀ ନାଇଁ ଶୁଣିବାର । ଆମେ କାଉଁ ସରକାର ଆଇନ କେ ମାନିବାକୁ ବାଧ ହେମୁଁ । ଏହାପରେ ଏସ.ଡି.ପିଓ. ଆମର ପତକାକୁ ଚିରି ଦେଲା । ମୁଁ ପ୍ରତିବାଦ କରିବାରୁ ମୋତେ ଘେରି ଗଲେ ।" ପୋଲିସ୍‌ର ଲାଠିଚାର୍ଜରେ ମହିଳାମାନେ ତଳେ ପଡିଗଲେ । କୁମିଆପାଲ୍ଲୀର ଖିର ଦଣ୍ଡସେନା (୧୮) ନାମକ ଝିଅଟିକୁ ପୋଲିସ୍ ଚୁଟିଝିଙ୍କି ମାଡମାରି ଘୋଷାରି ଘୋଷାରି ନେଉଥିଲା । ପୋଲିସର ଏହି ଦମନର ଫଟୋ ଅମିତାଭ ପାତ୍ର ଉଠାଉଥିବା ନେଇ ୨୦-୨୫ଜଣ ସଶସ୍ତ୍ର ପୋଲିସ୍ ତାଙ୍କୁ ଘେରିଗଲେ ଓ ପିଟିଚାଲିଲେ । ଫଳରେ ଅମିତାଭଙ୍କ ମୁଣ୍ଡ ଫାଟିଗଲା ।

ଖିର ଦଣ୍ଡସେନା କମିଟିକୁ ସେଦିନର ଘଟଣା ସଂପର୍କରେ କୁହନ୍ତି "ପୋଲିସ୍ ଆମକୁ କହିଲା, ଏଇଟା ସରକାରର ଅଧିକାର । ସରକାର ଜବରଦସ୍ତି କରିପାରିବ । ତୁମେ ପଳେଇଯାଅ ।' ଆମେମାନେ ନାଇଁ ଯିବୁ ବୋଲି କହିଲୁ । 'ତୁମେ ପିଟିବ, ମାରିବ ଯାହାକର । ହେଲେ ମୁଁ ମୋର ଭିଟାମାଟିକୁ ନାଇଁ ଛାଡେ ।' ତାପରେ ସେମାନେ ମୋତେ ଘେରିଗଲେ ଆଉ ମାରିଲେ । ବାଲିରେ ଘୋଷାରିଲେ,ବୁଟ୍‌ରେ ମାରିଲେ, ମୁଁ ତଳେ ପଡିଗଲି ।" ସେହି ଗ୍ରାମର ମୁକ୍ତା ସାହୁ କୁହନ୍ତି "ଖିରକୁ ମାରିଲା ବେଳେ ମୁଁ ପାଟିକଲି, 'ସେ କ'ଣ ତୁମର ମାଟିଆ ପୋଷାକ ମାଗୁଛିକି ? ସେ ତ ତାର ଅଧିକାର ପାଇଁ ଆସିଛି ।' ମୋତେ ପୋଲିସ ଜୋରକରି ପିଟିଲା । ପାଞ୍ଚଦିନ ପର୍ଯ୍ୟନ୍ତ ନାଇଁ ଉଠିହେଲା ।" ସେ ପୁଣି କୁହନ୍ତି "ଆମେ ପାଣି ପିଇବା ପାଇଁ ସାଙ୍ଗରେ ହାଣ୍ଡି, ଡେକ୍‌ଚି ଓ ବାଲ୍‌ତି ନେଇଥିଲୁ । ପୋଲିସ୍ ଆମଠୁ ସେ ସବୁ ଛଡେଇ ରଖିଦେଲା ଯେ ଆଜି ପର୍ଯ୍ୟନ୍ତ ଫେରାଇ ନାହିଁ ।"

ସେଦିନ ପୋଲିସ୍ ୭ଜଣ ମହିଳା ଓ ୯ ଜଣ ପୁରୁଷଙ୍କ ସମେତ ୧୬ଜଣଙ୍କୁ ଆରେଷ୍ଟ କରିଥିଲା ଯେଉଁମାନଙ୍କ ମଧ୍ୟରେ ଅମିତାଭ ଓ ଲେନିନ୍ ମଧ୍ୟ ଥିଲେ । ଆରେଷ୍ଟ ହୋଇଥିବା ମହିଳାଙ୍କ ମଧ୍ୟରେ ପ୍ରମିଳା କମିଟିକୁ କୁହନ୍ତି "ଫାଣ୍ଡିରେ ଓ ଜେଲ୍‌ରେ ପୋଲିସ୍‌ବାଲା କହିଲେ, "ସରକାର ତ ତୁମକୁ ପଇସା ଦେବ, ତୁମେ କାହିଁକି ବିରୋଧ କରୁଛ ?" ମୁଁ କହିଲି, 'ସରକାର ସିନା ଆମର ଜମିର, ମହୁଲଗଛର ପଇସା ଦେବ, କିନ୍ତୁ ପୋଲିସ୍ ଯୁ ଆମମାନଙ୍କୁ ପିଟୁଛି ଏହାର ଦାମ୍‌ଟା କେତେ ଆଜ୍ଞା ? ମା' ଭଉଣୀର ଇଜ୍ଜତ ନେଉଛି ଏଇଟାର ଦାମ୍ କେତେ ଆଜ୍ଞା ? ଆମ ପିଲାଛୁଆର ଭବିଷ୍ୟତ ଅଛି ତା'ର ଦାମ୍ କେତେ ଆଜ୍ଞା ?' ସେମାନେ କିଛି ନାଇଁ କହନ୍ । 'ସରକାରଟା ଅସ୍ଥାୟୀ, ଆଜି ବି.ଜେ.ଡି. ଅଛି, କାଲି କଂଗ୍ରେସ ଆସିବ, ହେଲେ ଆମର ଜମିଟା ପିଢିପିଢି ଅର୍ଜିଲାଟା, ଏହାକୁ ସରକାର କେମିତି ନେଇଯିବ ?"

Digitized by srujanika@gmail.com

ପୋଲିସ୍‌ଦ୍ୱାରା ମାଡ ଖାଇଥିବା ୩୧ଜଣ ମହିଳା ଅଲଗା ଅଲଗା ଏଫ୍.ଆଇ.ଆର (FIR) ବଲାଙ୍ଗିର ସଦରଥାନାରେ ଘଟଣାର ପରଦିନ ଦେଇଥିଲେ । ସେଥିରେ ସେମାନେ ଏସ୍.ଡି.ପିଓ., ଓ ଚିଫ୍ ପ୍ରୋଜେକ୍ଟ ଇଞ୍ଜିନିୟର ଓ ବଲାଙ୍ଗିର ସବ୍‌କଲେକ୍ଟରଙ୍କ ନାମ ଉଲ୍ଲେଖ କରିଥିଲେ । ସେମାନଙ୍କ ମଧ୍ୟରେ ଆଦିବାସୀ ମହିଳା ଥିବା ହେତୁ ଏ ସମସ୍ତ ଅଫିସରଙ୍କ ବିରୁଦ୍ଧରେ ଏସ୍.ସି. ଓ ଏସ୍.ଟି. ଆଟ୍ରୋସିଟି ପ୍ରିଭେନସନ୍ ଆକ୍ଟ ଅନୁସାରେ ମାମଲା ରୁଜୁ ହେବା କଥା । ମାତ୍ର ପୋଲିସ୍ ସେମାନଙ୍କଠାରୁ ଏଫ୍.ଆଇ.ଆର୍. ନେଲା ହେଲେ ଏଫ୍.ଆଇ.ଆର୍. ର କପି ଦେଇନାହିଁ ।

ପୋଲିସ୍‌ର ଏପରି ଦୌରାତ୍ମ୍ୟ ସଂପର୍କରେ ପଚାରି ବୁଝିବା ପାଇଁ ଆମେ କମିଟି ତରଫରୁ ବଲାଙ୍ଗିର ଏସ୍.ପି.ଙ୍କୁ ଭେଟିବା ପାଇଁ ଖୋଦ୍ ଏସ୍.ପି.ଙ୍କୁ ଅନୁରୋଧ କରିଥିଲୁ । କିନ୍ତୁ ଆମ ତଥ୍ୟ ଅନୁସନ୍ଧାନକାରୀ ଦଳ 'ସରକାରୀ କ୍ଷମତାପ୍ରାପ୍ତ ହୋଇନଥିବା' ଓ ସେ କେବଳ 'ସରକାରୀ ପ୍ରତିନିଧିଦଳ'କୁ ଭେଟିବେ ବୋଲି କହି ଆମର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଜିଲ୍ଲାର ଜିଲ୍ଲାପାଳଙ୍କୁ ପ୍ରକଳ୍ପର କାର୍ଯ୍ୟକାରିତା ସଂପର୍କରେ ସରକାରୀ ଆଭିମୁଖ୍ୟ ଓ ଅନୁମତି ପତ୍ର ସଂପର୍କରେ ଜାଣିବା ଉଦ୍ଦେଶ୍ୟରେ ସାକ୍ଷାତକାର ପାଇଁ ଅନୁରୋଧ କରିଥିଲୁ । ମାତ୍ର ଜିଲ୍ଲାପାଳଙ୍କ ଅଫିସ୍‌ରୁ କୌଣସି ଉତ୍ତର ଆସିନଥିଲା ।

୬. ଲୋୟର ସୁକତେଲ ସପକ୍ଷବାଦୀଙ୍କ ପାଲଟା ଆନ୍ଦୋଳନ

ପଶ୍ଚିମ ଓଡିଶାରେ ହୀରାକୁଦ ବନ୍ଧ ବିରୋଧି ଆନ୍ଦୋଳନଠାରୁ ଆରମ୍ଭ କରି ରେଙ୍ଗାଲି, ଅପରକୋଲାବ, ଇନ୍ଦ୍ରାବତୀ ବନ୍ଧବିରୋଧି ଆନ୍ଦୋଳନ ସମେତ ସଇଁତଲା ଗୋଳାବିରୁଦ କାରଖାନା, କାଶିପୁର ଆଲୁମିନିୟମ, ଲାଞ୍ଜିଗଡର ବେଦାନ୍ତ ଆଲୁମିନିୟମ ଓ ନିୟମଗିରିରୁ ଖଣିଖଦାନ, ଗନ୍ଧମାର୍ଦ୍ଦନ ବକ୍‌ସାଇଟ୍ ଖନନ ପର୍ଯ୍ୟନ୍ତ ବହୁ ଆନ୍ଦୋଳନ ହୋଇଥିଲେ ମଧ୍ୟ କୌଣସିଠାରେ ଉପରୋକ୍ତ ପ୍ରକଳ୍ପ ସପକ୍ଷରେ ଜନଆନ୍ଦୋଳନ ହୋଇ ନାହିଁ । ଅବଶ୍ୟ ପ୍ରକଳ୍ପ ସପକ୍ଷରେ କିଛି ଜନମତ ବିଶେଷ କରି ନିକଟସ୍ଥ ସହର ଅଞ୍ଚଳରେ ପ୍ରକାଶ ପାଇଛି । କିନ୍ତୁ ଲୋୟର ସୁକତେଲ ବନ୍ଧ ସପକ୍ଷରେ ବଲାଙ୍ଗିର ସହରର କିଛି ବୁଦ୍ଧିଜୀବୀ, ଓକିଲ, ରାଜନେତା, ଅବସରପ୍ରାପ୍ତ ଅଧ୍ୟାପକ, ଅମଲା, ଯନ୍ତ୍ରୀ, ମନ୍ତ୍ରୀ 'ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଆକ୍‌ସନ କମିଟି' ଗଠନକରି ପ୍ରକଳ୍ପ ସପକ୍ଷରେ ଆନ୍ଦୋଳନ ଜାରି ରଖିବା ଓ ଆକ୍ରାମଣାତ୍ମକ ମନୋଭାବ ପୋଷଣ କରିବା ଏକ ନୂତନ ପରିସ୍ଥିତିର ଉଦ୍‌ଭବ କରିଛି । ବିଗତ ଦିନ ଗୁଡିକରେ ବଲାଙ୍ଗିରର ଏହି ଆକ୍‌ସନ କମିଟି ଲୋୟର ସୁକତେଲ ବନ୍ଧ ସପକ୍ଷରେ ବଲାଙ୍ଗିର ବନ୍ଦ ଡାକରା ଦେବା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ କରିବା, ରାସ୍ତାରୋକ୍ କରିବା, ଅନଶନ, ଧର୍ମଘଟର ଆଶ୍ରୟ ନେଇ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଦାବୀ କରିଆସୁଛି ।

Digitized by srujanika@gmail.com

୨୦୧୨ ମସିହା ଜୁନ୍ ମାସ ୨୬ ତାରିଖରେ ବଲାଙ୍ଗିର ଡି.ଆର.ଡି.ଏ ସଭାଗୃହରେ ଆର.ଡି.ସି ଓ ବଲାଙ୍ଗିର କଲେକ୍ଟର ତଥା ଅନ୍ୟାନ୍ୟ ଅମଲାମାନଙ୍କ ସହିତ ଆକ୍ସନ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ସେମାନଙ୍କ ୧୧ଦଫା ଦାବୀପତ୍ର ଉପରେ ଆଲୋଚନା ହୋଇଥିଲା । ଆକ୍‌ସନ କମିଟି ଉକ୍ତ ବୈଠକରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ବଲାଙ୍ଗିର ନିମନ୍ତେ ଏକ ଆଶୀର୍ବାଦ ସ୍ୱରୂପ, ଏହାଦ୍ୱାରା ବଲାଙ୍ଗିର ଜିଲ୍ଲାର ବିକାଶ ବହୁଗୁଣା ହେବ ବୋଲି ଯୁକ୍ତି କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅମଲାମାନଙ୍କ ଆଗରେ ଦାବୀ ରଖିଥିଲେ । ସେମାନେ ମଧ୍ୟ ବିସ୍ଥାପିତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ଥଇଥାନ କରିବା ନିମନ୍ତେ ନିବେଦନ କରିଥିଲେ । ଏହା ସହିତ ଦକ୍ଷିଣ କେନାଲକୁ ଆହୁରି ସମ୍ପ୍ରସାରଣ କରିବା, ପ୍ରକଳ୍ପ କାର୍ଯ୍ୟକୁ ମଝିରେ ମଝିରେ ସମୀକ୍ଷା କରିବା, ସଂଗ୍ରାମ ପରିଷଦ ଲୋକଙ୍କ ନାମରେ ଲାଗିଥିବା କେଶ୍ ସବୁକୁ ଉଠାଇନେବା ଆଦି ଦାବୀ ସବୁ ରଖିଥିଲେ । ପ୍ରଶାସନ ଏ ସମସ୍ତ ଦାବୀଗୁଡିକ ସହୃଦୟତାର ସହିତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ୨୦୧୨ ମସିହା ଅଗଷ୍ଟ ୨୭ ତାରିଖରୁ ସେପ୍ଟେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଆକ୍‌ସନ କମିଟି ଆମରଣ ଅନଶନରେ ବସିଥିଲେ । ଏପ୍ରିଲ ୨୩ ତାରିଖରେ ବଲାଙ୍ଗିର-ପାଟଣାଗଡ ରାସ୍ତାର ଢୁଲୁସର ଠାରେ ଆକ୍‌ସନ କମିଟି ଦ୍ୱାରା ଘଣ୍ଟିକିଆ ରାସ୍ତା ଅବରୋଧ କରାଯାଇଥିଲା । ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବୀପତ୍ରରେ ସୁକତେଲ ପ୍ରକଳ୍ପ ନିମନ୍ତେ ଜଣେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ନିଯୁକ୍ତି କରିବା, ଆର.ପି.ଡି.ଏସ.ସି. ମିଟିଙ୍ଗ୍ ଡାକିବା ଏବଂ ସେହି ବର୍ଷ ଏପ୍ରିଲ ମାସ ୧୮ ତାରିଖରେ ବଲାଙ୍ଗିର ଜିଲ୍ଲା ସଇଁତଳାର 'ଆଦିବାସୀ କଲ୍ୟାଣ ସଂଘ'ର ସଭାପତି ଶ୍ରୀଯୁକ୍ତ ବ୍ରଜସିଂ ଭୋଇ ଲୋକଙ୍କୁ ପ୍ରକଳ୍ପ ବିରୋଧରେ ଉସୁକାଉଛନ୍ତି ଅଭିଯୋଗ କରି ସେ ପ୍ରକଳ୍ପର 'ବାହାର ଲୋକ' କହି ତାଙ୍କୁ ପ୍ରକଳ୍ପ ଅଞ୍ଚଳରେ ପଶିବାକୁ ଦିଆ ନଯାଉ ବୋଲି ଦାବୀ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ କ୍ଷତିପୂରଣ ଗ୍ରହଣ କରିଥିବା କିଛି ବୁଡି ଅଞ୍ଚଳ ଲୋକ ମଧ୍ୟ ଆକ୍‌ସନ କମିଟି ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ଅନଶନ ସମୟରେ ସେମାନେ ମଧ୍ୟ ଅନଶନରେ ବସିଥିଲେ । ସେମାନେ ଅଧିକ କ୍ଷତିପୂରଣ ଦାବି କରିଥିଲେ ।

ତଥ୍ୟାନୁସନ୍ଧାନ କମିଟି ବଲାଙ୍ଗିରର ଏହି ଆକ୍‌ସନ କମିଟି ଓ 'ବଲାଙ୍ଗିର ବାର ଏସୋସିଏସନ୍'ର କିଛି ମୁଖିଆ ଲୋକଙ୍କୁ ଭେଟି ଆଲୋଚନା କରିଥିଲେ । ସେମାନେ ଲୋୟର ସୁକତେଲ ବନ୍ଧ ବିରୋଧରେ କୌଣସି ଜନଆନ୍ଦୋଳନକୁ ବରଦାସ୍ତ କରିବେ ନାହିଁ ବୋଲି ସ୍ପଷ୍ଟ ମତ ରଖିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବଲାଙ୍ଗିର ଓକିଲ ସଂଘ ଏକ ଅଲିଖିତ ପ୍ରସ୍ତାବରେ କହିଛି ଯେ ଲୋୟର ସୁକତେଲ ଆନ୍ଦୋଳନ ନେଇ ଯଦି କୌଣସି ବଲାଙ୍ଗିରର ବାହାରିଆ ଲୋକକୁ ପୋଲିସ୍ ଗିରଫ କରେ ବଲାଙ୍ଗିରର କୌଣସି ଓକିଲ ତାଙ୍କର ବେଲ କରାଇବେ ନାହିଁ ।[୯] ସେମାନଙ୍କ ମତରେ ଚିର ମରୁଡିଗ୍ରସ୍ତ ବଲାଙ୍ଗିର ନିମନ୍ତେ

Digitized by srujanika@gmail.com

ଭଗବାନଙ୍କର ଏହା ବରଦାନ ସଦୃଶ୍ୟ । 'ଏତେ ଦିନ ପରେ ଯେଉଁ ସୁଯୋଗ ଆସିଛି ତାକୁ ଛାଡିବାର ନୁହେଁ । ନୂଆପଡାରେ ଓ କଳାହାଣ୍ଡିରେ ଲୋୟର ଇନ୍ଦ୍ର, ଇନ୍ଦ୍ରାବତୀ, ସମ୍ବଲପୁରରେ ହୀରାକୁଦ ସେ ସବୁ ଅଞ୍ଚଳକୁ ବିକାଶ ଆଣିଛନ୍ତି । ଚାଉଳକଳ, ବାଣିଜ୍ୟ ବ୍ୟବସାୟ, ଛୋଟ ଶିଳ୍ପ ଆଜି ସେ ଅଞ୍ଚଳର ଅବସ୍ଥାକୁ ବଦଳାଇ ଦେଇଛି ।' ସେମାନଙ୍କର କହିବା ଅନୁସାରେ ବଲାଙ୍ଗିରରେ ଶତକଡା ୩ ଭାଗ ଜମି ଜଳସେଚନ ସୁବିଧା ପାଉଛି । (ଏହା ଭୁଲ ତଥ୍ୟ । ୧୯୯୩-୯୪ର ତଥ୍ୟ ଅନୁସାରେ ସମଗ୍ର ଜିଲ୍ଲାରେ ମୋଟ ଚାଷଜମିର ୧୩% ଜମି ସବୁଦିନିଆ ଜଳସେଚନ ହୋଇପାରୁଛି ଯାହାକି ଅବଶ୍ୟ ବହୁତ କମ୍ (୩)) ଲୋୟର ସୁକତେଲ ବନ୍ଧ ହେଲେ ଶତକଡା ୧୮ ଭାଗ ଜମିରେ ଜଳସେଚନ ହୋଇପାରିବ । ଏହାଦ୍ୱାରା ମରୁଡି ପ୍ରବଣ ବଲାଙ୍ଗିର ଜିଲ୍ଲା ଶସ୍ୟଶ୍ୟାମଳା ହେବା ସହିତ ବଲାଙ୍ଗିର ସହରର ଜଳଯୋଗାଣ ହୋଇପାରିବ । ତେଣୁ କୌଣସି ବାହାରର ଲୋକ ଆସି ଲୋକଙ୍କୁ ଉସୁକାଇ ଆନ୍ଦୋଳନ କରି ବନ୍ଧକୁ ବନ୍ଦ କରିବାକୁ ଚେଷ୍ଟା କଲେ ବରଦାସ୍ତ କରାଯିବ ନାହିଁ । ଏହିକ୍ରମରେ ସେମାନେ ବନ୍ଧ ଅଞ୍ଚଳକୁ ମେଧାପାଟକର, ଡକ୍ଟର ବିଡି ଶର୍ମା, ପ୍ରଫୁଲ୍ଲ ସାମନ୍ତରାଏଙ୍କ ଗସ୍ତକୁ ନାପସନ୍ଦ କରିଥିଲେ । ସେମାନେ ଆହୁରିମଧ୍ୟ ଯୁକ୍ତି କରିଥିଲେ ଯେ କୌଣସି ଅଞ୍ଚଳର ବିକାଶ ନିମନ୍ତେ କିଛି ଲୋକଙ୍କୁ ବିସ୍ଥାପିତ ହୋଇ ତ୍ୟାଗ କରିବାକୁ ପଡିବ । କିଛି ଲୋକଙ୍କ ବିରୋଧ ଆଗରେ ମୁଣ୍ଡନୁଆଁଇ ବହୁ ଲୋକଙ୍କର ହିତକୁ ଜଳାଞ୍ଜଳି ଦିଆଯାଇପାରିବନାହିଁ । ଠିକ୍ ଏହି କଥା ଜବାହାରଲାଲ୍ ନେହେରୁ ହୀରାକୁଦ ବନ୍ଧର ଶିଳାନ୍ୟାସ କରିବାକୁ ଆସିଥିବା ବେଳେ କହିଥିଲେ । ନେହେରୁ ସ୍ଥାନୀୟ ହୀରାକୁଦର ବିସ୍ଥାପିତ ମାନଙ୍କୁ କହିଥିଲେ, 'ଦେଶର ବିକାଶ ନିମନ୍ତେ କିଛି ଲୋକଙ୍କୁ ତ୍ୟାଗ କରିବାକୁ ପଡିବ ।' ବଲାଙ୍ଗିର ଆକ୍ସନ କମିଟି ଆଜି ପୁଣି ସେହି ତ୍ୟାଗ କଥା କହି ବୃହତ ବନ୍ଧ ମାଧ୍ୟମରେ ବଲାଙ୍ଗିରର ବିକାଶର ସ୍ୱପ୍ନ ଦେଖୁଛି । ସେମାନଙ୍କର ଉଦ୍‌ବେଗ ଥିଲା, 'ବଲାଙ୍ଗିର କ'ଣ ସବୁଦିନ ନିମନ୍ତେ ଏକ ପଛୁଆ ଜିଲ୍ଲା ହୋଇ ରହିଥିବ ? ବଲାଙ୍ଗିରର କ'ଣ ବିକାଶ ହେବ ନାହିଁ ? ବଲାଙ୍ଗିରବାସୀଙ୍କୁ ବଲାଙ୍ଗିରର ବିକାଶ ବିଷୟରେ ଚିନ୍ତା କରିବାକୁ ଛାଡି ଦିଆଯାଉ ।' ଆକ୍ସନ୍ କମିଟିର ଜିଲ୍ଲା ଭିତର ଓ ବାହାରର ବିଭେଦକୁ ବିରୋଧକରି ଆଦିବାସୀ କଲ୍ୟାଣ ସଂଘର ସଭାପତି ବ୍ରଜ ସିଂ ଭୋଇ ବାହାରିଆ ଲୋକ, ତାଙ୍କୁ ପ୍ରକଳ୍ପ ଅଞ୍ଚଳକୁ ପଶାଇ ଦିଆ ନଯାଉ ପରି ଆକ୍ସନ କମିଟିର ଦାବି ବିପକ୍ଷରେ ସେହି ଆଦିବାସୀ ସଂଘର ମହାସଚିବ ନିରଞ୍ଜନ ବିଶି, 'ଆକ୍ସନ କମିଟିର ଲୋକମାନେ ବଲାଙ୍ଗିର ସହରର ଲୋକ, ବୁଡି ଅଞ୍ଚଳର ଭାଗ୍ୟ ନିର୍ଦ୍ଧାରଣ କରିବାକୁ କିଏ ବୋଲି ପ୍ରଶ୍ନ କରିଥିଲେ' (ରୁଦ୍ର ଆହ୍ୱାନ ତା୨୯.୪.୨୦୧୩) । ଏହି କ୍ରମରେ ବଲାଙ୍ଗିର ଆକ୍ସନ କମିଟିର କାର୍ଯ୍ୟକଳାପ ଲୋୟର ସୁକତେଲ ଡ୍ୟାମ ବିରୋଧି ଓ ସମର୍ଥକ ନାମରେ ଜିଲ୍ଲାର 'ବାହାର' ଓ 'ଭିତର' ଲୋକ ଭାବରେ ଏହି ବିଭେଦକୁ ଜନ୍ମ ଦେଇଛି, ଯାହାକି ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି ।

Digitized by srujanika@gmail.com

୭. ବଲାଙ୍ଗିର, କେବିକେ ଓ ଲୋୟର ସୁକତେଲ

ବଲାଙ୍ଗିର ପାଟଣା ଚୌହାନ ରାଜବଂଶ ଅଧୀନରେ ଥିବା ପଶ୍ଚିମ ଓଡିଶାର ୧୮ଟି ଗଡଜାତ ମଧ୍ୟରେ ଅନ୍ୟତମ । ରାଜା ବଳରାମ ଦେଓଙ୍କ ଦ୍ୱାରା ସ୍ଥାପିତ ବଲାଙ୍ଗିର ଉନବିଂଶ ଶତାବ୍ଦୀର ଅଷ୍ଟମ ଦଶକ ବେଳକୁ ପାଟଣା ରାଜ୍ୟର ରାଜଧାନୀ ଓ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ଥିଲା । ୧୭୫୫ ମସିହାରେ ଉକ୍ତ ଅଞ୍ଚଳ ନାଗପୁରର ମରହଟ୍ଟାଙ୍କ ଶାସନାଧିନ ଥିଲା । ୧୮୧୮ ମସିହାରେ ତୃତୀୟ ମରହଟ୍ଟା ସମୟରେ ଉକ୍ତ ଅଞ୍ଚଳ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । କ୍ଷମତା ହସ୍ତାନ୍ତର ପରେ ୧୯୪୮ ମସିହା ଜାନୁଆରି ୧ ତାରିଖରେ କଳାହାଣ୍ଡି, ପାଟଣା ଓ ସୋନ୍‌ପୁର ରାଜ୍ୟମାନଙ୍କୁ ନେଇ ବଲାଙ୍ଗିର ପାଟଣା ଜିଲ୍ଲା ଗଠନ ହୋଇଥିଲା । ପରେ ୧୯୪୯ ମସିହା ନଭେମ୍ବର ୧ ତାରିଖରେ ବଲାଙ୍ଗିର, ପାଟଣାଗଡ, ଟିଟିଲାଗଡ ଓ ସୋନ୍‌ପୁର ସବ୍‌ଡିଭିଜନକୁ ନେଇ ବଲାଙ୍ଗିର ଜିଲ୍ଲା ଗଠନ ହେଲା । କିନ୍ତୁ ଲୋୟର ସୁକତେଲରୁ ପାଣି ମାଡିବାକୁ ଥିବା ବଲାଙ୍ଗିର ବ୍ଲକ୍‌ରେ ଏବେ ବି ୨୬% ଜମି ଓ ଲୋଇସିଂହାରେ ୪୨% ଭାଗ ଜମି (ଖରିଫ ସମୟରେ) ଜଳସେଚିତ ହେଉଛି । କିନ୍ତୁ ୧୯୯୨ ମସିହାରେ ବଲାଙ୍ଗିର ଜିଲ୍ଲାରୁ ସୋନ୍‌ପୁରକୁ ଅଲଗା କରି ୨ଟି ଜିଲ୍ଲାରେ ପରିଣତ କରାଯାଇଥିଲା । ଏବେ ନୂତନ ବଲାଙ୍ଗିର ଜିଲ୍ଲାରେ ୩ଟି ସବ୍‌ଡିଭିଜନ, ୬ଟି ତହସିଲ୍, ୧୪ଟି ବ୍ଲକ୍ ଓ ୨୮୫ଟି ଗ୍ରାମପଞ୍ଚାୟତ ରହିଛି । ୨୦୦୧ ଜନଗଣନା ଅନୁସାରେ ଜିଲ୍ଲାର ଲୋକସଂଖ୍ୟା ୧୩ ଲକ୍ଷ ୩ ହଜାର । ଏଥି ମଧ୍ୟରୁ ଶତକଡା ୧୬.୯୨ ଭାଗ ତଫସିଲ୍ ଭୁକ୍ତ ଜାତି (ଏସ୍.ସି) ଓ ୨୦.୬୩ ଭାଗ ତଫସିଲଭୁକ୍ତ ଜନଜାତି (ଏସ୍.ଟି) । ରାଜ୍ୟର ସାକ୍ଷରତା ହାର ୬୩.୦୮% ଥିବାବେଳେ ବଲାଙ୍ଗିର ଜିଲ୍ଲାର ସାକ୍ଷରତା ହାର ୫୫.୭୦% ରହିଛି । ରାଜ୍ୟରେ ଆଦିବାସୀ ସାକ୍ଷରତା ହାର ୧୪.୯୯% ଥିବାବେଳେ ବଲାଙ୍ଗିରରେ ଏହା ୧୧.୫୪% ଥିଲା । ୨୦୦୪ ମସିହା ବେଳକୁ ରାଜ୍ୟରେ ୭୭ଭାଗ ଗ୍ରାମକୁ ବିଜୁଳି ସଂଯୋଗ ହୋଇଥିବା ବେଳେ ବଲାଙ୍ଗିରରେ ୯୪.୧ ଭାଗ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇପାରିଥିଲା । ୧୯୯୫-୯୬ର ତଥ୍ୟ ଅନୁସାରେ ଜିଲ୍ଲାର ସମସ୍ତ ଜନସଂଖ୍ୟାର ୮୯% ଦାରିଦ୍ର୍ୟ ସୀମାରେଖା ତଳେ ରୁହନ୍ତି । ଏଠାରେ କ୍ଷୁଦ୍ରଚାଷୀଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୪୫% ହେଲେ ସମୁଦାୟ ଭୂମିହୀନଙ୍କ ସଂଖ୍ୟା ୩୭% ଅଟେ ।

ବଲାଙ୍ଗିର ଜିଲ୍ଲା ଅବିଭକ୍ତ କଳାହାଣ୍ଡି-ବଲାଙ୍ଗିର-କୋରାପୁଟ (କେ.ବି.କେ)ର ଏକ ଅଂଶବିଶେଷ । ଉକ୍ତ ଅଞ୍ଚଳ ମରୁଡି, ଫସଲହାନି, ଗଣଦାରିଦ୍ର୍ୟ, ପିଲାବିକ୍ରି, ଖାଦ୍ୟାଭାବ, ଅନାହାର ମୃତ୍ୟୁ, ଦାଦନଶ୍ରମିକ ନେଇ ସାରା ଦେଶରେ ଚର୍ଚ୍ଚାରେ ରହିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୫, ୧୯୬୫, ୧୯୮୨, ୧୯୮୭, ୧୯୯୬ ରେ ଏଠାରେ ମରୁଡି ପଡିଥିଲା । ତେବେ ବଲାଙ୍ଗିରରେ ଯେ ଆଗରୁ ମରୁଡି ନଥିଲା ଏବଂ ସ୍ୱାଧୀନତା ପରେ ମରୁଡି ହେଉଛି ତାହା ନୁହେଁ । ଆଗରୁ ମଧ୍ୟ ମରୁଡି ଥିଲା । ଏପରିକି ୧୯୦୦ ମସିହାରେ ବଲାଙ୍ଗିରରେ

Digitized by srujanika@gmail.com

ଦୁର୍ଭିକ୍ଷ ମଧ୍ୟ ପଡିଥିଲା । ୧୯୩୪, ୧୯୩୫, ୧୯୩୮ରେ ମଧ୍ୟ ଭୀଷଣ ମରୁଡି ପଡିଥିଲା । କିନ୍ତୁ ପୂର୍ବରୁ ଜମିଜମା ବ୍ୟବସ୍ଥା ଓ ଫସଲ ପର୍ଯ୍ୟାୟ ଏପରି ଥିଲା ଯେ, କୃଷକ ମରୁଡି ପରିସ୍ଥିତିକୁ ସମ୍ଭାଳି ନେଉଥିଲା । କିନ୍ତୁ ସେ ପରିବେଶ, ଜମିଜମା ବ୍ୟବସ୍ଥା ଓ ଫସଲ ପର୍ଯ୍ୟାୟ ଆଜି ଆଉ ନାହିଁ ।[୮]

ବଲାଙ୍ଗିରର ଆଦିମ ଅଧିବାସୀ ହେଲେ ଗଣ୍ଡ, ଗଣ୍ଡା, ମୁଣ୍ଡା, ହୋ,କୁଇ, କନ୍ଧ, ଶବର, ଅଭିଆ, ମିର୍ଦ୍ଧା ଇତ୍ୟାଦି । ସେମାନେ ପ୍ରଥମେ ଜଙ୍ଗଲ କାଟି ଜମି ତିଆର କରି କୃଷିକାର୍ଯ୍ୟରେ ନିୟୋଜିତ ଥିଲେ । ରାଜାଙ୍କ ପ୍ରତିନିଧି ଗଉଁତିଆକୁ ଅଳ୍ପକିଛି କର, ଖଜଣା, ଲଗାଣ, ରସଦ ଦେଇଦେବା ପରେ ଚାଷକାର୍ଯ୍ୟ ନିମନ୍ତେ ଅନ୍ୟ କୌଣସି ପ୍ରତିବନ୍ଧକ ନଥିଲା । ଜମିକୁ ମାଲ, ବେରନା ଓ ବାହାଲ ଏହିପରି ଭାବରେ ଭାଗକରି ମାଲଜମି ଯାହାକି ଅନୁର୍ବର ଓ ବର୍ଷାଜଳ ଉପରେ ନିର୍ଭରଶୀଳ ସେ ସବୁ ଜମିରେ ମୁଗ, ବିରି, କୋଳଥ, ସୋରିଷ ରାଶି, ଜଡା, ମାଣ୍ଡିଆ,ସୁଆଁ, କାନ୍ଦୁଲ, ମକା, କୋଦୁ ଆଦି ଚାଷ କରାଯାଉଥିଲା । ବେରନା ଓ ବାହାଲଜମି ଗଭୀର ହୋଇଥିବାରୁ ଓ ବନ୍ଧକଟା, ଆନିକଟ୍ ଓ କୂଅ ଆଦିର ସୁବିଧା ଥିବାରୁ ବିଭିନ୍ନ ପ୍ରକାରର ଧାନ ଚାଷ କରାଯାଉଥିଲା । ଘଞ୍ଚ ଜଙ୍ଗଲ ଥିବାରୁ ଜମିର ଜଳଧାରଣ କ୍ଷମତା ଅଧିକ ଥିଲା ଓ ବନ୍ଧ, କଟା, ପୋଖରି, ଆନିକଟ୍ ମାନଙ୍କରୁ ଜମିକୁ ଜଳଯୋଗାଣ କରାଯାଉଥିଲା । ଉକ୍ତ ଜଳର ଉତ୍ସଗୁଡିକ ଗ୍ରାମର ସର୍ବ ସାଧାରଣ ସମ୍ପଦ ଭାବରେ ଗଣନା କରାଯାଉଥିଲା ଓ ସମସ୍ତେ ଏହାର ଜଳକୁ ବ୍ୟବହାର କରିବାରେ କଟକଣା ନଥିଲା । ଯାହାକିଛି ଉତ୍ପାଦିତ ଦ୍ରବ୍ୟ କୃଷକ ତାର ବ୍ୟବହାର ପାଇଁ ରଖି ଅଳ୍ପକିଛି ବିକ୍ରିବଟା କରୁଥିଲା । ତେଣୁ ମରୁଡି ହେଲେ ମଧ୍ୟ ମରୁଡିକୁ ସମ୍ଭାଳି ନେବାର କ୍ଷମତା କୃଷକର ଥିଲା ।

ବ୍ରିଟିଶ୍ ସରକାର ଆସିବା ପରେ ଗ୍ରାମ୍ୟଅର୍ଥନୀତିରେ ସୁଦୂର ପ୍ରସାରୀ ପରିବର୍ତ୍ତନ ହେଲା । ସେମାନଙ୍କ ନିମନ୍ତେ ଜମିର କର ଖଜଣା କେବଳମାତ୍ର ଆୟ ହୋଇଥିବାରୁ ସେମାନେ ଜମି ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରି ଜମି ଉପରେ କର ଖଜଣା ବୃଦ୍ଧି କରିବାରେ ଲାଗିଲେ । ବଲାଙ୍ଗିରରେ ପ୍ରଥମଥର ନିମନ୍ତେ ୧୮୭୧ ମସିହାରେ ଜମି ବନ୍ଦୋବସ୍ତ ହେଲା । ପରେ ପରେ ୧୮୮୫, ୧୮୯୫, ୧୯୦୩, ୧୯୩୨ ମସିହାରେ ମଧ୍ୟ ଭୂ-ବନ୍ଦୋବସ୍ତ ହୋଇଥିଲା । ପ୍ରତି ବନ୍ଦୋବସ୍ତରେ ଅଧିକରୁ ଅଧିକ କର ଆଦାୟ କରାଗଲା । ଅଧିକ କର ଓ ଖଜଣା ଆଦାୟ ଆଶାରେ ଗଣ୍ଡ, କନ୍ଧ, ମୁଣ୍ଡା, ମିର୍ଦ୍ଧା ଗଉଁତିଆ ମାନଙ୍କଠାରୁ ଗଉଁନ୍ତି କାଢି ଆଣି ଉପକୂଳବର୍ତ୍ତୀ ଅଞ୍ଚଳରୁ ବ୍ରାହ୍ମଣ, କରଣ, କୁଲତାମାନଙ୍କୁ ଗଉଁତି ହସ୍ତାନ୍ତର କରାଗଲା । ଅଥଚ ଏ ଅଞ୍ଚଳର ଅସଭ୍ୟ ଜନଗଣଙ୍କୁ ସଭ୍ୟ କରିବାର ବାହାନାରେ ଏପରି କରାଯାଉଥିବା ରାଜା, ମହାରାଜା ଓ ଇଂରେଜଙ୍କ ତରଫରୁ ପ୍ରଚାର କରାଯାଇଥିଲା । କ୍ରମଶଃ ସେମାନେ ଗଉତିଆ ଭାବରେ ଗ୍ରାମର ସବୁଠାରୁ ଉତ୍କୃଷ୍ଟ ଜମିର ମାଲିକ ହେଲେ । ସ୍ଥାନୀୟ ଅଧିବାସୀ ଯେଉଁମାନେ ଜମି ତିଆର କରିଥିଲେ ସେମାନଙ୍କର ପ୍ରଜାଭାବରେ ଗଣନା ହେଲେ । ଫଳରେ ୧୮୭୬

Digitized by srujanika@gmail.com

ମସିହାରେ ଖଜଣା ଆଦାୟ ୮୭୯୨ଟଙ୍କାରୁ ୩୭,୩୯୫ ଟଙ୍କାକୁ ବୃଦ୍ଧି ଘଟି ୧୮୯୫ ମସିହାବେଳକୁ ଏହା ୭୬,୯୦୦ ଟଙ୍କାରେ ପହଁଞ୍ଚିଥିଲା । ଏହି 'ଅସଭ୍ୟ' ସମାଜକୁ 'ସଭ୍ୟ' କରିବାର ବାହାନାରେ ବଲାଙ୍ଗିର, ସଦର, ଆଗଲପୁର, ଲୁଇସିଂହା, ଦେଓଗାଁ ଆଦି ଅଞ୍ଚଳରେ ଉପକୂଳିଆ ବ୍ରାହ୍ମଣ, କରଣ, ଓ କୁଲତାମାନେ ସ୍ଥାନୀୟ ଆଦିବାସୀମାନଙ୍କଠାରୁ ଜମି ନେଇ ସେମାନଙ୍କୁ କୃଷି ଶ୍ରମିକରେ ପରିଣତ କଲେ । ନିଜେ ତିଆରି କରିଥିବା ଜମିରେ ନିଜେ ଗୁତି, ହଳିଆ, ମୂଲିଆ ହୋଇ କାମ କଲେ । ଏହାର ପ୍ରତିବାଦରେ ୧୮୬୯ ମସିହାରେ ପାଟଣାରେ, ୧୮୭୦ ମସିହାରେ ବରଗଡ ଅଞ୍ଚଳରେ ଏବଂ ୧୮୮୨ ମସିହାରେ କଳାହାଣ୍ଡିରେ କନ୍ଧ ବିଦ୍ରୋହ ସବୁ ଦେଖାଦେଲା । ଉକ୍ତ ବିଦ୍ରୋହଗୁଡିକ ସ୍ଥାନୀୟ ଅଧିବାସୀଙ୍କ ଜମି ଅଣଆଦିବାସୀମାନଙ୍କୁ ହସ୍ତାନ୍ତର ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା । ବିଦ୍ରୋହଗୁଡିକୁ ଇଂରେଜମାନଙ୍କର ସାହାଯ୍ୟ ଓ ପରାମର୍ଶରେ ରାଜାମହାରାଜାମାନେ କଠୋର ହସ୍ତରେ ଦମନ କଲେ ।

ପୂର୍ବରୁ ଗଡଜାତ ଗୁଡିକରେ ସ୍ଥାନୀୟଭାବେ ଅଳ୍ପକିଛି ଧାନ ଚାଉଳ ଜଙ୍ଗଲଜାତ ଦ୍ରବ୍ୟ କିଣାବିକା ହେଉଥିଲା । ଯାହାକିଛି ଉତ୍ପାଦନ ହେଉଥିଲା ତାହା ନିଜର ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ଥିଲା । ୧୮୯୬ ମସିହାରେ ପଶ୍ଚିମ ଓଡିଶାକୁ ରେଳ ସଂଯୋଗ ପରେ ପରେ ଓ ୧୯୩୦ ମସିହାରେ ଭାଇଜାଗ୍ ଓ ରାୟପୁରକୁ ରେଳପଥ ଖୋଲି ଗଲାପରେ ବାଣିଜ୍ୟ ବ୍ୟବସାୟରେ ବୃଦ୍ଧି ଘଟିଲା । ରେଳଗାଡି ସଙ୍ଗେ ସଙ୍ଗେ ମାରୁଆଡି, ଗୁଜୁରାଟି ଓ ମୁସଲମାନ ବ୍ୟବସାୟୀ ସବୁ ବଲାଙ୍ଗିର ଅଞ୍ଚଳକୁ ଆସି ଧାନ, ଚାଉଳ, ସୋରିଷ, ମାଣ୍ଡିଆ, ଆଦି ଫସଲ ବାହାରକୁ ରପ୍ତାନୀ କରିବାରେ ଲାଗିଲେ । କୁଲତା, ବ୍ରାହ୍ମଣ, କରଣ ଯେଉଁମାନେ ନୂଆ ହୋଇ ଗଉତିଆ ହୋଇଥିଲେ, ସେମାନଙ୍କର ଗ୍ରାମର ସବୁଠାରୁ ଉତ୍କୃଷ୍ଟ ଭୋଗରା ଜମିରୁ ଅତ୍ୟଧିକ ଉତ୍ପାଦନ କରି ବାଣିଜ୍ୟ ବ୍ୟବସାୟରେ ମାରୁଆଡି,ଗୁଜୁରାଟି ଓ ମୁସଲମାନମାନଙ୍କୁ ସାହାଯ୍ୟ କଲେ । ସେମାନେ କୃଷିଜାତଦ୍ରବ୍ୟ ସହିତ ଜଙ୍ଗଲଜାତଦ୍ରବ୍ୟ କାଠ, ବାଉଁଶ, କେନ୍ଦୁପତ୍ର, ଟୁଲ, ମହୁଲ, ଝୁଣା, ମହୁ, ହଳଦୀ, ତେନ୍ତୁଳି ଆଦି ବାହାରକୁ ରପ୍ତାନୀ କରିବାକୁ ଲାଗିଲେ । ଧିରେଧିରେ ଜଙ୍ଗଲରୁ ଶାଳ, ପିଆଶାଳ, ଟିକ୍, ବାଉଁଶ ସରିବାରେ ଲାଗିଲା । ସ୍ଥାନୀୟ ଆଦିବାସୀ ଯେ କି ଦିନେ ଜଙ୍ଗଲ ଉପରେ ନିର୍ଭର କରି ବର୍ଷର ଅନ୍ତତଃ ୬ମାସ ଚଳିଯାଉଥିଲା, ତା'ନିମନ୍ତେ ବର୍ତ୍ତମାନ ଜୀବନ କ୍ରମଶଃ ଦୁର୍ବିସହ ହେଲା । ରେଳ ଲାଇନ୍, ଉନ୍ନତ ସଡକପଥ, ଜମିଜମାର ବନ୍ଦୋବସ୍ତ, ଅଧିକ କର ଖଜଣା ଏ ସମସ୍ତ ମିଶି ଆଦିମ ଅଧିବାସୀକୁ ତଳି ତଳାନ୍ତ କଲାବେଳେ ରାଜା ମହାରାଜା, ଗଉତିଆ, ବ୍ରାହ୍ମଣ, କରଣ, କୁଲତା ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରି ଚାଲିଥାନ୍ତି । କୃଷି ଶ୍ରମିକଙ୍କ ସଂଖ୍ୟା ତଥା ଭୂମିହୀନ କୃଷକଙ୍କ ସଂଖ୍ୟାରେ ମଧ୍ୟ ଅଭିବୃଦ୍ଧି ଘଟିଲା । ଆଉ ସେ ଫସଲ ବିବିଧତା ରହିଲା ନାହିଁ କି ଜଙ୍ଗଲଜାତଦ୍ରବ୍ୟ ମିଳିଲା ନାହିଁ । ସ୍ଥାନୀୟ ଆଦିବାସୀ ମରୁଡିକୁ ମୁକାବିଲା କରିବାର ସାମର୍ଥ୍ୟ କ୍ରମଶଃ ହରାଇ ବସିଲା । କାରଣ ତା ହାତରୁ ଜଳ ଓ ଜଙ୍ଗଲ ସଂପଦ ଚାଲି ଯାଇଥିଲା । ଏହି

Digitized by srujanika@gmail.com

ସଭ୍ୟ ହେବାର ପ୍ରକ୍ରିୟାରେ ନିଜର ଜମି ହରାଇଲା ପରେ ବାଧ ହୋଇ ବେଶକିଛି ଆସାମର ଚା ବଗିଚାକୁ ମୁହାଁଇଲେ ।

୧୯୯୫-୯୬ର ତଥ୍ୟରୁ ଜଣାପଡେ ଯେ ଜିଲ୍ଲାରେ ନାମକୁ ମାତ୍ର ଚାଷୀଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୪୫% ଯେଉଁମାନଙ୍କ ହାତରେ କି ସମୁଦାୟ ଚାଷଜମିର ମାତ୍ର ୧୩% ଜମି ରହିଛି (ଓ ୩୭% ଲୋକ ଭୂମିହୀନ) ଅଥଚ ଜିଲ୍ଲାରେ ପ୍ରାୟ ସେହି ସମାନ ସମୟରେ ମାତ୍ର ୩୭୪୬ ପରିବାର ହାତରେ (ସମୁଦାୟ ଜନସଂଖ୍ୟାର ସଂଖ୍ୟାର ୨% ରୁ କମ୍) ସମୁଦାୟ ଚାଷଜମିର ୧୩% ଜମିରହିଛି । ଜିଲ୍ଲାରେ ଏତେସଂଖ୍ୟକ ନାମକୁ ମାତ୍ର ଚାଷୀ ଥିଲାବେଳେ ପୁଣି ଏତେ କମ୍‌ଲୋକଙ୍କ ହାତରେ ଏତେ ଅଧିକ ଜମିରହିବା ଆଶ୍ଚର୍ଯ୍ୟର ବିଷୟ ଅଟେ । ପୁଣି ସେହି ସମାନ ୧୯୯୫-୯୬ର ତଥ୍ୟ ଅନୁସାରେ ଜିଲ୍ଲାରେ ୮୯% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଏହା କଦାପି ଗୋଟେ ଦିନରେ ଘଟିନଥିଲା ।[୬]

ବଲାଙ୍ଗିର ତଥା କେବିକେ ଅଞ୍ଚଳରେ ଯୁଗ ଯୁଗ ଧରି ଚାଲି ଆସିଥିବା ସାମନ୍ତବାଦୀ ଅର୍ଥନୈତିକ ଓ ରାଜନୈତିକ ବ୍ୟବସ୍ଥାର ଅନ୍ତ ଔପନିବେଶିକ ଶାସନର ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ଭବ ବୋଲି ସାଧାରଣ ଲୋକ ବିଶ୍ୱାସ କରୁଥିଲେ । କାରଣ ସ୍ୱାଧୀନତା ପରେ ଭୂ-ସଂସ୍କାର ମାଧମରେ ଭୂମିହୀନମାନଙ୍କୁ ଜମି ବଣ୍ଟନର ପ୍ରତିଶ୍ରୁତି ସେମାନଙ୍କୁ ଦିଆଯାଇଥିଲା । ଓଡିଶାରେ ସ୍ୱାଧୀନତାର ୧୩ବର୍ଷ ପରେ ୧୯୬୦ ମସିହାରେ ଭୂ-ସଂସ୍କାର ଆଇନ୍ ପାଶ ହେଲା । ୧୯୬୫ ମସିହାରେ ଏହାକୁ କାର୍ଯ୍ୟକାରୀ କରାଗଲା । ଆଇନରେ ଥିବା ଜମିର ସୀମା ନିର୍ଦ୍ଧାରଣ କରି ବହିର୍ଭୂତ ଜମିକୁ ଭୂମିହୀନମାନଙ୍କୁ ବାଣ୍ଟିବାର ନିଷ୍ପତ୍ତି ୧୯୭୨ ମସିହାରେ ନିଆଗଲା । ଅର୍ଥାତ୍ ସ୍ୱାଧୀନତାର ୨୫ ବର୍ଷପରେ ଯେତେବେଳେ ଭୂମିହୀନଙ୍କୁ ଜମିଦେବା ବିଷୟ ଆସିଲା ସେତେବେଳକୁ ରାଜା ମହାରାଜା ଗଉଁତିଆ ମାନେ ଜମିକୁ ବେନାମୀ ହସ୍ତାନ୍ତର କରି ସାରିଥିଲେ କିମ୍ବା ଜମି ସବୁ ବିକ୍ରିକରି ସହରୀ ସଂପତ୍ତିରେ ପରିବର୍ତ୍ତନ କରି ସାରିଥିଲେ । ଅଳ୍ପ ଯାହାକିଛି ଜମି ବଣ୍ଟନ ହେଲା ସେଗୁଡିକ ଢିପ ପଥୁରିଆ ଓ ଚାଷ ନିମନ୍ତେ ଅନୁପଯୁକ୍ତ ଥିଲା । ତେଣୁ ଔପନିବେଶିକ ଶାସନ ପରେ ମଧ୍ୟ ଉତ୍ପାଦନର ଉତ୍ସ ଜମିର ବଣ୍ଟନ ନେଇ ଘୋର ତାରତମ୍ୟ ରହି ଆସିଥିଲା । ଫଳରେ ଆଜି ବଲାଙ୍ଗିର ଅଞ୍ଚଳର ଶତକଡା ୮୦ଭାଗ ଚାଷୀ ଭୂମିହୀନ ଓ ନାମମାତ୍ର ଚାଷୀ କିମ୍ବା ଛୋଟ ଚାଷୀ ।

୭୦ ଦଶକର ମଧ୍ୟଭାଗରେ ସରକାର ଭୂ-ସଂସ୍କାର କାର୍ଯ୍ୟକ୍ରମକୁ ସ୍ଥଗିତ ରଖି ସବୁଜ ବିପ୍ଳବ ନାମରେ ଜମିର ଆଧୁନିକ ପ୍ରଣାଳୀରେ ସାର, ପୋକମରା ଔଷଧ ଓ ଉନ୍ନତମାନର ବିହନ ଜରିଆରେ ଚାଷକାର୍ଯ୍ୟକୁ ପ୍ରୋତ୍ସାହନ ଦେଲେ । ବଲାଙ୍ଗିର ଅଞ୍ଚଳର ୮୦ ଭାଗ ଛୋଟ ଓ ନାମମାତ୍ର ଚାଷୀମାନଙ୍କ ପକ୍ଷରେ ଏ ପ୍ରକାର ବ୍ୟୟବହୁଳ ଚାଷକରି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ନା ଥିଲା ସମ୍ବଳ ନା ଥିଲା ଜମି । ତେଣୁ ବଡଚାଷୀ ବ୍ରାହ୍ମଣ, କୁଲତା,

Digitized by srujanika@gmail.com

କରଣ, ଗଉଁତିଆ ଜମିଦାର ରାଜା ମହାରାଜା ସବୁଜ ବିପ୍ଳବରୁ ଲାଭବାନ ହେଲେ । ଛୋଟ ଓ ନାମମାତ୍ର ଚାଷୀ କୃଷିକାର୍ଯ୍ୟ ଚଳାଇ ରଖିବା ଆଉ ସମ୍ଭବ ହେଲା ନାହିଁ ଓ ସେମାନେ ଜମିସବୁ ବ୍ରାହ୍ମଣ, କରଣ, କୁଲତାମାନଙ୍କୁ ହସ୍ତାନ୍ତର କରି ନିଜଜମିରେ କୃଷି ଶ୍ରମିକ ଭାବରେ ହଳିଆ, ମୁଲିଆ, ଗୁତି ରହିଲେ ।

ଗତ ଶତାବ୍ଦୀର ନବେ ଦଶକରେ ସରକାର ଉଦାରୀକରଣ ଅର୍ଥନୀତି ଅନୁସରଣ କରି ଅର୍ଥନୀତିକୁ ଆହୁରି ବଜାରମୁଖୀ କଲେ । ଖାଦ୍ୟଶସ୍ୟ କିଣାବିକା ଉପରେ ଥିବା କଟକଣା ସବୁ ଉଠାଇ ଦେଲେ । କୃଷି ଉପରେ ଦିଆଯାଉଥିବା ରିହାତି ସବୁ କାଟ କଲେ । କୃଷି ଆହୁରି ବ୍ୟୟବହୁଳ ହେଲା । ଛୋଟ ଓ ନାମମାତ୍ର ଚାଷିପକ୍ଷରେ ଚାଷକାର୍ଯ୍ୟ ଚଳାଇ ରଖିବା ସମ୍ଭବ ହେଲା ନାହିଁ । ସେମାନଙ୍କ ନିମନ୍ତେ ଦେଶାନ୍ତରୀ ହେବା ଓ ଦାଦନ ଖଟି ଯିବା ଛଡା ଅନ୍ୟ ଉପାୟ ନଥିଲା । ଅସମର୍ଥିତ ସୂତ୍ରକୁ ଆଧାର କରି ଏକ ପତ୍ରିକା ପ୍ରକାଶ କରେ ଯେ ଜିଲ୍ଲାରୁ ପ୍ରାୟ ୨.୫ ଲକ୍ଷ ଲୋକ ଇତିମଧ୍ୟରେ ସ୍ଥାନାନ୍ତର କରିଛନ୍ତି । ଭୂମିହୀନ ଲୋକେ ଋତୁଭିତ୍ତିକ ସ୍ଥାନାନ୍ତର ଅପେକ୍ଷା ଆନ୍ଧ୍ରପ୍ରଦେଶ, ଛତିଶଗଡ, କେରଳର ବିଭିନ୍ନ ସହରରେ ରହିଯାଉଛନ୍ତି । କିନ୍ତୁ ଏକଥା ସତ୍ୟ ଯେ ଜିଲ୍ଲାର ଜନସଂଖ୍ୟା ବୃଦ୍ଧିର ହାର ରାଜ୍ୟର ଜନସଂଖ୍ୟା ବୃଦ୍ଧିହାର ତୁଳନାରେ କମ୍ । ଏହାର ଏକମାତ୍ର କାରଣ ହୋଇପାରେ ସ୍ଥାନାନ୍ତର ।

ଏହିପରି ଭାବରେ ବଲାଙ୍ଗିରର ଇତିହାସ କହିଲେ ସ୍ଥାନୀୟ ଆଦିବାସୀମାନଙ୍କଠାରୁ ଅଣଆଦିବାସୀ ମାନଙ୍କପାଖକୁ ଉତ୍ପାଦନର ଉତ୍ସ ଜଳ ଜମି ଓ ଜଙ୍ଗଲର ହସ୍ତାନ୍ତରକୁ ହିଁ ବୁଝାଏ । ଔପନିବେଶିକ ଶାସନର ପରବର୍ତ୍ତୀ ସମୟରେ ଗ୍ରାମର ଜଳସେଚନର ଉତ୍ସ ବନ୍ଧ, କଟା, ପୋଖରି, ଆନିକଟ, କୂଅ ଆଦିରୁ ନିଜର ନିୟନ୍ତ୍ରଣ ହରାଇ ଛୋଟଚାଷୀ କୃଷିକାର୍ଯ୍ୟ ନିମନ୍ତେ ବର୍ଷାଜଳ ଉପରେ ନିର୍ଭର କଲେ । ଜଙ୍ଗଲଜାତଦ୍ରବ୍ୟର ରପ୍ତାନୀ ଓ ଜଙ୍ଗଲ ଆଇନ ନେଇ ସ୍ଥାନୀୟ ଆଦିବାସୀ ଜଙ୍ଗଲରୁ ଉଚ୍ଛେଦ ହେଲେ । ଜଙ୍ଗଲ ସବୁ ଶେଷ ହୋଇଗଲା । ଦେଶୀ ଫସଲର ପର୍ଯ୍ୟାୟ ନଷ୍ଟ ହୋଇ ଅଧିକ ଅମଳକ୍ଷମ ହାଇବ୍ରିଡ୍ ଧାନ କିମ୍ବା ଅର୍ଥକାରି ଫସଲ ଉତ୍ପାଦନ ହେଲା । କୃଷକ ନିଜ ନିଜର ଜଳସେଚନର ଉତ୍ସ, ଜଙ୍ଗଲଜାତଦ୍ରବ୍ୟ ଆଦିରୁ ଉଚ୍ଛେଦ ହୋଇ ଦେଶାନ୍ତର ହେବା, ଦାଦନ ଖଟିବା, ଜମିବାଡି ବିକି, ବନ୍ଧକ ଦେଇ ଅନ୍ୟର ଜମିରେ ଗୁତିମୁଲିଆ ହେବା ବ୍ୟତୀତ ଅନ୍ୟ ରାହା ଆଉକିଛି ନାହିଁ । ତେଣୁ ବଲାଙ୍ଗିର ତଥା କେବିକେ ଅଞ୍ଚଳରେ ପିଲାବିକ୍ରି, ପୁଷ୍ଟିହୀନତା, ଅନାହାର ମୃତ୍ୟୁ, କୃଷକ ଆତ୍ମହତ୍ୟା ଆଦିର ଖବର ସବୁବେଳେ ଦୃଷ୍ଟିଗୋଚର ହେଉଛି । ତେଣୁ ଏହା ଯେ ମନୁଷ୍ୟକୃତ ମରୁଡି ଓ ଅଭାବ ଅନାଟନ, ଏଥିରେ ସନ୍ଦେହ ନାହିଁ ।

୧୯୮୮ ମସିହାରେ ସନଟାଇମ୍ସରେ ପ୍ରକାଶିତ ଏକ ଅନାହାର ମୃତ୍ୟୁ ରିପୋର୍ଟ୍‌କୁ ଭିତ୍ତିକରି ଶ୍ରୀଯୁକ୍ତ ଭବାନି ମୁଣ୍ଡ ଓଡିଶା ଉଚ୍ଚନ୍ୟାୟାଳୟରେ ଏକ ରିଟ ଦାଖଲ କରିଥିଲେ । ତେଣୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଜନୈକ ଜିଲ୍ଲା ଜଜ୍ ମାନ୍ୟବର ଶ୍ରୀଯୁକ୍ତ ବୈଦ୍ୟନାଥ

Digitized by srujanika@gmail.com

ମିଶ୍ରଙ୍କୁ ଏହାର ତଦନ୍ତ ଭାର ଦେଇଥିଲେ । ୧୯୯୨ ମସିହା ଜାନୁଆରୀ ମାସରେ ସେ ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ବଲାଙ୍ଗିର ଜିଲ୍ଲାରେ ଅନାହାର ମୃତ୍ୟୁ ହୋଇଥିବା କଥା ସ୍ୱୀକାର କରିଥିଲେ । ବଲାଙ୍ଗିର ଜିଲ୍ଲାରେ ମରୁଡ଼ିର ପ୍ରତିକାର ନିମନ୍ତେ ଦୀର୍ଘମିଆଦି ଯୋଜନା ନକରି କେବଳ ସଙ୍କଟମୋଚନ କାମ କରାଯାଉଛି ଓ ସରକାରୀକଳର ଅପରାଗତା ତଥା ଅନାସକ୍ତ ଭାବ ହେତୁ କାର୍ଯ୍ୟକ୍ରମ ଗୁଡ଼ିକର ସୁଫଳ ମରୁଡ଼ି ପ୍ରପୀଡ଼ିତମାନେ ପାଇପାରୁନାହାନ୍ତି ବୋଲି ସେ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ । (ରାଜ୍ୟରେ ସେ ସମୟରେ ଜନତାଦଳ ଶାସନରେ ଥିଲେ ।)

ଶ୍ରୀଯୁକ୍ତ ଚତୁରାନନ୍ଦ ମିଶ୍ର କେନ୍ଦ୍ରରେ କୃଷିମନ୍ତ୍ରୀ ଥିବା ବେଳେ କେ ବି କେ ଜିଲ୍ଲାମାନଙ୍କରେ ଅନାହାର ଜନିତ ମୃତ୍ୟୁ ଖବରର ସତ୍ୟାସତ୍ୟ ନେଇ ଜାତୀୟ ମାନବିକ ଅଧିକାର ଆୟୋଗକୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ତେଣୁ ୧୯୯୬ ମସିହା ଡିସେମ୍ବର ମାସ ୧୧ ତାରିଖରେ ବିଧିବଦ୍ଧ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା । କମିଶନ ୧୧ଟି ଶୁଣାଣି କରି ରିପୋର୍ଟରେ ଦର୍ଶାଇଥିଲେ ଯେ ଉକ୍ତ ଅଞ୍ଚଳ ଏକ ମରୁଡ଼ି ପ୍ରବଣ ଅଞ୍ଚଳ । ବ୍ୟାପକ ଫସଲହାନୀ ହେତୁ ଲୋକଙ୍କ ହାତରେ କାମନାହିଁ, ରୋଜଗାର ନାହିଁ । ତେଣୁ ଅନାହାର ମୃତ୍ୟୁ ଲାଗିରହିଛି । ରିଲିଫ୍ ଯୋଗାଣରେ ସ୍ୱଚ୍ଛତା ନଥିବା ତଥା ଅମଲାତନ୍ତ୍ର ଲୋକମାନଙ୍କ ଦୁର୍ଦ୍ଦଶା ପ୍ରତି ସମ୍ବେଦନଶୀଳ ନଥିବା ସେଥିରେ ଦର୍ଶାଇଥିଲେ । (ସେ ସମୟରେ କଂଗ୍ରେସ ସରକାର ରାଜ୍ୟର ଶାସନ ଦାୟିତ୍ୱରେ ଥିଲେ ।)

୧୯୯୭ ମସିହା ମେ ୮ ତାରିଖରେ ମାନ୍ୟବର ରାଜ୍ୟସଭା ସଦସ୍ୟ ଶ୍ରୀଯୁକ୍ତ ସନାତନ ବିଶି ରାଜ୍ୟ ସଭାରେ କଳାହାଣ୍ଡି ଜିଲ୍ଲାର ଜେନା-ଖାଲପଡ଼ା ନିବାସୀ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ମଣ୍ଡଳଙ୍କ ଦସ୍ତଖତ ଥିବା ଏକ ଆବେଦନ ପତ୍ର ଉପସ୍ଥାପିତ କରିଥିଲେ । ଉକ୍ତ ଆବେଦନ ପତ୍ରରେ ଓଡ଼ିଶା ସରକାର କେନ୍ଦ୍ରଠାରୁ କେ ବି କେ ଜିଲ୍ଲାମାନଙ୍କ ନାମରେ ଅର୍ଥ ଆଣି ତାର ଅସଦ୍ ବ୍ୟବହାର କରୁଛନ୍ତି ବୋଲି ଦର୍ଶାଇଥିଲେ । ରାଜ୍ୟସଭା ଶ୍ରୀ ଓ.ରାଜଗୋପାଳଙ୍କ ନେତୃତ୍ୱରେ ସନାତନ ବିଶିଙ୍କ ସମେତ ଏକ ୧୦ ଜଣିଆ ରାଜ୍ୟସଭା ସଦସ୍ୟ ବିଶିଷ୍ଟ ଏକ କମିଟି ପଠାଇଥିଲେ । ଉକ୍ତ କମିଟି ବିଭିନ୍ନ ପଦସ୍ଥ ଅଫିସର ଅନୁଷ୍ଠାନ, ମାନବ ଅଧିକାର ଆୟୋଗ, ରାଜ୍ୟ ସରକାର ତଥା କେନ୍ଦ୍ରସରକାରଙ୍କଠାରୁ ବିବରଣୀ ସଂଗ୍ରହ କରି ୧୯୯୮ ମସିହା ମାର୍ଚ୍ଚ ୩୧ ତାରିଖରେ ରାଜ୍ୟସଭାରେ ରିପୋର୍ଟ ଦାଖଲ କରିଥିଲେ । ଉକ୍ତ ରିପୋର୍ଟରେ ମଧ୍ୟ ସେମାନେ କେ ବି କେ ମରୁଡ଼ି ଅଞ୍ଚଳଗ୍ରସ୍ତ କରି ମରୁଡ଼ି ପ୍ରପୀଡ଼ିତମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅର୍ଥ ଅନ୍ୟତ୍ର ଖର୍ଚ୍ଚ ହୋଇଥିବା ପ୍ରମାଣପାଇ ରାଜ୍ୟ ସରକାରଙ୍କୁ ତାଗିଦ୍ କରିଥିଲେ । ଉକ୍ତ କମିଟି ଉକ୍ତ ଜିଲ୍ଲାଗୁଡ଼ିକରେ ଦୀର୍ଘମିଆଦି ଯୋଜନାବ୍ୟବସ୍ଥା ସ୍ୱରୂପ ଅସଂପୂର୍ଣ୍ଣ ଜଳବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ସଂପୂର୍ଣ୍ଣ କରିବା, ସରକାର ଖାଦ୍ୟସଂଗ୍ରହ ଓ ବଣ୍ଟନ ଦାୟିତ୍ୱ ହାତକୁ ନେବା, ଚାଷୀକୁ ଉତ୍ପାଦିତ ଶସ୍ୟର ଉପଯୁକ୍ତ ଦାମ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ

Digitized by srujanika@gmail.com

କମିଟି ଓଡିଶା ରିଲିଫ୍ କୋଡ୍‌କୁ ସଂଶୋଧନ କରି ଏକ ନୂତନ ରିଲିଫ୍ କୋଡ୍ ତିଆର କରିବାକୁ ପରାମର୍ଶ ଦେଇଥିଲେ ।

୧୯୬୬ ମସିହା ମେ ମାସ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତା ଇନ୍ଦିରାଗାନ୍ଧୀ ବଙ୍ଗମୁଣ୍ଡା ଆସି ସ୍ୱଚକ୍ଷୁରେ ମରୁଡି ଅଞ୍ଚଳ ବୁଲି ଦେଖିଥିଲେ । ରାଜିବଗାନ୍ଧୀ ଓ ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବାବେଳେ ଉକ୍ତ ଅଞ୍ଚଳକୁ ଗ୍ରସ୍ତକରି କେ ବି କେ ନାମରେ ସ୍ୱତନ୍ତ୍ର ଅର୍ଥବ୍ୟବସ୍ଥା କରିଛନ୍ତି । ସେହିପରି ଭାରତୀୟ ଜନତାପାର୍ଟି ଶାସନ ସମୟରେ ଅଟଳ ବିହାରୀ ବାଜପେୟୀ ଏକ କେନ୍ଦ୍ରୀୟ ଅନୁଧାନକାରୀ ଦଳ ମରୁଡି ଅଞ୍ଚଳକୁ ପଠାଇ ଏକ ଦୀର୍ଘମିଆଦି କାର୍ଯ୍ୟକ୍ରମ ଜରିଆରେ ଅଞ୍ଚଳର ସମସ୍ୟା ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ଏହି ଦୀର୍ଘମିଆଦି କାର୍ଯ୍ୟକ୍ରମରେ ବୃହତଜଳ ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ । ଲୋୟର ସୁକତେଲ ଯୋଜନା ଏହାର ଏକ ଅଂଶବିଶେଷ ।

ସାମାଜିକ, ଅର୍ଥନୈତିକ ଓ ଐତିହାସିକ କାରଣରୁ ବଲାଙ୍ଗିର ତଥା କେବିକେ ଅଞ୍ଚଳରେ ବିକାଶ ବାଧାପ୍ରାପ୍ତ ହୋଇଥିବାବେଳେ କଂଗ୍ରେସ, ବିଜେପି, ବିଜେଡି ଶାସନ ସମୟରେ ଉକ୍ତ ଅଞ୍ଚଳକୁ ଅବହେଳା କରିଥିବା ବିଷୟ ଉଚ୍ଚନ୍ୟାୟାଳୟଠାରୁ ଆରମ୍ଭକରି ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ତଥା ମାନବିକ ଅଧିକାର କମିଶନ ସେମାନଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ବିଭିନ୍ନ ରାଜନୈତିକ ଦଳଗୁଡିକ ସେମାନଙ୍କର ଅପାରଗତାକୁ ଲୁଚାଇବାକୁ ଯାଇ ଲୋୟର ସୁକତେଲ ହେଲେ ଅଞ୍ଚଳ ବିକାଶ ଲାଭ କରିବାର ପ୍ରତିଶ୍ରୁତି ଦେଉଛନ୍ତି । ଔପନିବେଶିକ ଶାସନ କାଳରୁ ସାମନ୍ତବାଦୀ ଶୋଷଣ, ଅତ୍ୟଧିକ କର ଖଜଣା, ଚାଷଜମିରୁ ଆଦିବାସୀମାନଙ୍କୁ ଅଣ-ଆଦିବାସୀମାନଙ୍କ ଦ୍ୱାରା ଅପସାରଣ, ପରମ୍ପରାଗତ ଜଳସେଚନ ବ୍ୟବସ୍ଥାର ଧ୍ୱଂସ, କୃଷିରେ ବଜାର ବ୍ୟବସ୍ଥାର ପ୍ରଚଳନ ଆଦି ନାନାବିଧ କାରଣ ନେଇ ସ୍ଥାନୀୟ ଛୋଟ ଓ ନାମମାତ୍ର କୃଷକ, ଆଦିବାସୀ, ମହିଳା ତଳିତଳାନ୍ତ ହେଉଥିବା ବେଳେ ପୁଣି ଗଣତନ୍ତ୍ର ନାମରେ ସେହି ସାମନ୍ତବାଦୀ ଗୋଷ୍ଠି ବିଭିନ୍ନ ରାଜନୈତିକ ଦଳ ମାନଙ୍କରେ ରୁଢି କ୍ଷମତା ଅକ୍ତିଆର କରି ସାମନ୍ତବାଦୀ ଶୋଷଣ ଜାରି କରି ଚାଲିଛନ୍ତି । ପୂର୍ବର ସେହି ଆଦିବାସୀ ଜମି ହଡପକାରୀ ରାଜା ମହାରାଜା, ଗଉଁନ୍ତିଆ ବ୍ରାହ୍ମଣ କୁଳତା ଆଜି ସାଂସଦ, ବିଧାୟକ, ମନ୍ତ୍ରୀ, ଯନ୍ତ୍ରୀ, ଅମଲା ଆଦି ହୋଇ ପୂର୍ବ ପରି ଶୋଷଣ ମୁଖି ସମାଜକୁ ଚାଲୁ ରଖିଛନ୍ତି । ଲୋୟର ସୁକତେଲ ବନ୍ଧ ନିର୍ମାଣ କରି ଜଳସେଚନ ଦ୍ୱାରା ବିକାଶ ହେବ କହିବା ଏହି ଶ୍ରେଣୀର ପୁଣି ଏକ ଚାଲ । ଉତ୍ପାଦନର ଉତ୍ସ ଜମିର ପୁନଃବଣ୍ଟନ ନକରି ବନ୍ଧକଟା ଆନିକଟ୍ ଆଦିର ପୁନଃରୁଦ୍ଧାର ନକରି ଗିରିଜନ ଓ ଆଦିବାସୀ ମାନଙ୍କର ଜଙ୍ଗଲ ଉପରେ ଥିବା ଅଧିକାରକୁ ସ୍ୱୀକାର ନକରି, ପାରମ୍ପରିକ କୃଷି ବ୍ୟବସ୍ଥାର ପୁନଃରୁଦ୍ଧାର ନକରି ବଲାଙ୍ଗିର ବିକାଶ କଥା ଚିନ୍ତା କରାଯାଇ ନପାରେ ।

Digitized by srujanika@gmail.com

୮. ଟିକରପଡା, ମଣିଭଦ୍ରା, ସିଣ୍ଡୋଳ ଓ ପଶ୍ଚିମ ଓଡିଶା ମାନସିକତା

ପଶ୍ଚିମ ଓଡିଶାବାସୀଙ୍କ ମନରେ ଏକ କ୍ଷୋଭ ଅଛି ଯେ ଓଡିଶା ସରକାର ପଶ୍ଚିମ ଓଡିଶାବାସୀଙ୍କୁ ବୃହତ୍ ବନ୍ଧମାନଙ୍କଦ୍ୱାର ବିସ୍ଥାପିତ କରାଇ ଉପକୂଳ ଅଞ୍ଚଳ ବିକଶିତ କରିବାକୁ ଚାହୁଁଛନ୍ତି । ତେଣୁ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ, ଅପରକୋଲାବ ବନ୍ଧଯୋଜନା ପରେ ଆଉ କିଛି ନଦୀବନ୍ଧ ଯୋଜନା ଆସି ସେମାନଙ୍କୁ ପ୍ରତାରିତ କରୁ ବୋଲି ସେମାନେ ଚାହୁଁନାହାଁନ୍ତି । ୧୯୮୨ ମସିହାରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମହାନଦୀର ବନ୍ୟାରେ ଉପକୂଳ ଅଞ୍ଚଳର ପ୍ରଭୂତ କ୍ଷତିସାଧନ ହେଉଥିବାରୁ ଏହି ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ମଣିଭଦ୍ରାଠାରେ ଏକ ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ସିଣ୍ଡୋଳଠାରେ ଏକ ବ୍ୟାରେଜ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାଦ୍ୱାରା ପଶ୍ଚିମ ଓଡିଶାର ସୋନପୁର, ବଉଦ, ଆଠମଲ୍ଲିକ୍, ବିନିକା ଆଦି ଜଳମଗ୍ନ ହୋଇଥାନ୍ତା । ଜାନକୀ ପଟ୍ଟନାୟକଙ୍କ ଏପରି ପଶ୍ଚିମ ଓଡିଶା ବିରୋଧୀ ମନୋଭାବ ଯୋଗୁଁ ସାରା ପଶ୍ଚିମ ଓଡିଶାରେ ଜନ ଆନ୍ଦୋଳନ ଜୁଆର ପରି ମାଡି ଆସିଲା । କେବଳ ପଶ୍ଚିମ ଓଡିଶାରେ ନୁହେଁ ଓଡିଶାର ଅନ୍ୟ ବହୁ ସ୍ଥାନରୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏହା ବିରୁଦ୍ଧରେ ଦୃଢ ପ୍ରତିବାଦ କରିଥିଲେ । ଯାହାଫଳରେ କି ଜାନକୀ ପଟ୍ଟନାୟକ ସେ ପ୍ରକଳ୍ପକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ପଶ୍ଚିମ ଓଡିଶାର ସେହି ବଲାଙ୍ଗିର ସହରରେ ଆକ୍ସନ୍ କମିଟି ଆଜି ବିସ୍ଥାପିତ ମାନଙ୍କର ଦୁର୍ଦ୍ଦଶା କଥା ମନକୁ ନ ଆଣି କେବଳ ଧର୍ମକୁ ଆଖିଠାର ମାରିଲା ପରି ବିସ୍ଥାପିତମାନଙ୍କୁ ଥଇଥାନ ଓ କ୍ଷତିପୂରଣ ନିମନ୍ତେ ଏକ ଦାବୀପତ୍ର ସରକାରଙ୍କୁ ଦେଇ ଲୋୟର ସୁକତେଲ ବନ୍ଧ ନିର୍ମାଣ କରିବାକୁ ଦାବୀ କରିବା ପଶ୍ଚିମ ଓଡିଶାର ମାନସିକତାର ପରିପନ୍ଥୀ । ବାହାର ଲୋକ ବଲାଙ୍ଗିର ବିଷୟ ହସ୍ତକ୍ଷେପ ନ କରନ୍ତୁ କହି ସେହି ବଲାଙ୍ଗିର ବିସ୍ଥାପିତ ମାନଙ୍କୁ ମରଣ ମୁହଁକୁ ଠେଲି ଦେବା ଏକ ଅମାନବୀୟ ଚିନ୍ତାଧାରା । ସେମାନେ ଟିକରପଡା, ମଣିଭଦ୍ରା, ସିଣ୍ଡୋଳ ବିସ୍ଥାପିତ ମାନଙ୍କ ନିମନ୍ତେ ଯେଉଁ ପ୍ରକାର ସମବେଦନା ଦେଖାଇ ଆନ୍ଦୋଳନକୁ ଓହ୍ଲାଇ ଆସିଥିଲେ ଆଜି ଲୋୟର ସୁକତେଲ ବିସ୍ଥାପିତମାନେ ସେମାନଙ୍କଠାରୁ ସେହି ବିଷୟ ଆଶା କରନ୍ତି ।

ଲୋୟର ସୁକତେଲ ପ୍ରକଳ୍ପରୁ ବିସ୍ଥାପିତମାନଙ୍କର ଅବସ୍ଥା ଆଜି ଅନ୍ୟ ଅନେକ ପ୍ରକଳ୍ପର ବିସ୍ଥାପିତ ମାନଙ୍କ ପରି ହେବାକୁ ଯାଉଛି । ପ୍ରକଳ୍ପରେ ୨୯ଟି ଗ୍ରାମର ୧୦,୪୧୬ଟି ପରିବାର କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି । ଅଳ୍ପ କିଛି ପରିବାରଙ୍କୁ ସରକାର କ୍ଷତିପୂରଣ ଦେଇସାରିଛନ୍ତି ଓ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବା ନିମନ୍ତେ ବ୍ୟବସ୍ଥା ଚାଲୁରହିଛି । ୧୯୯୮ ମସିହାରୁ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ମଧ୍ୟ ଦୀର୍ଘ ୧୫ ବର୍ଷ ଧରି କ୍ଷତିପୂରଣ ଦିଆଯାଇପାରିଲା ନାହିଁ କି ଥଇଥାନ ବ୍ୟବସ୍ଥା କରାଯାଇପାରିଲା ନାହିଁ । ଏଥିରୁ ଥଇଥାନ ଓ

Digitized by srujanika@gmail.com

ପୁନଃର୍ବାସ ନିମନ୍ତେ ସରକାରଙ୍କର ଦରଦ ଜଣାପଡେ । ଲରକିପାଲି, ସଦେଇପାଲି, ଖୁଜେନପାଲି, ତୁଡୁକସିରା, ହରଡାଡାଲ ଆଦି କଲୋନି ମାନଙ୍କରେ ଲୋକଙ୍କୁ ଥଇଥାନ ଯୋଜନା ଅଧ ପନ୍ତରିଆ ହୋଇପଡିଛି । ପ୍ରକଳ୍ପକୁ ସରକାର ଯେତିକି ଗୁରୁତ୍ୱ ଦେଉଛନ୍ତି, କ୍ଷତିପୂରଣ ଓ ଥଇଥାନକୁ ସରକାର ସେତିକି ଗୁରୁତ୍ୱ ଦେଉନାହାଁନ୍ତି । ସଂଗ୍ରାମ ପରିଷଦ ଯେହେତୁ ବନ୍ଧକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ଆନ୍ଦୋଳନ ଜାରି ରଖିଛି କ୍ଷତିପୂରଣ ଓ ଥଇଥାନ ନେଇ ଆଲୋଚନା, ଦାବୀ ଆପତ୍ତି ସେମାନଙ୍କ ଏଜେଣ୍ଡାରେ ନାହିଁ ।

ଅବସ୍ଥା ଏପରି ହୋଇଛି ଯେ ବହୁ ଆଦିବାସୀ ବାରମ୍ବାର ବିସ୍ଥାପନର ଶିକାର ହୋଇଛନ୍ତି । ସେମାନଙ୍କୁ ବାରମ୍ବାର ଦେଶର ବିକାଶ ନିମନ୍ତେ ତ୍ୟାଗ କରିବାର ଧରମବାଣୀ ଶୁଣାଇ ସେମାନଙ୍କୁ ସର୍ବସ୍ୱାନ୍ତ କରାଯାଉଛି । ହୀରାକୁଦ ବନ୍ଧରୁ ବିସ୍ଥାପିତ ହୋଇ ୧୯୫୦ ମସିହାରେ ଯେଉଁମାନେ ବନହରପାଲିଠାରେ ଥଇଥାନ ହୋଇଥିଲେ ସେମାନଙ୍କୁ ଇବ ତାପଜ ବିଦ୍ୟୁତ୍‌କେନ୍ଦ୍ର ନିମନ୍ତେ ପୁଣିଥରେ ବିସ୍ଥାପିତ ହେବାକୁ ପଡିଥିଲା । ଏବେ ସେହି ବିସ୍ଥାପିତମାନଙ୍କୁ ତୃତୀୟଥର ନିମନ୍ତେ ମହାନଦୀ କୋଇଲାଖଣି ବିସ୍ଥାପିତ କରୁଛି ।

ସେହିପରି କୋରାପୁଟ୍ ଜିଲ୍ଲାରେ ୧୯୬୨ ମସିହାରେ ହିନ୍ଦୁସ୍ତାନ ମିଗ୍ ବିମାନ କାରଖାନାଦ୍ୱାରା ବିସ୍ଥାପିତ ହୋଇଥିବା ଜନ ସାଧାରଣଙ୍କୁ ୧୬ ବର୍ଷ ପରେ ପୁଣିଥରେ ଅପର କୋଲାବ ଜଳବିଦ୍ୟୁତ୍‌କେନ୍ଦ୍ର ଦ୍ୱାରା ୧୯୭୮ ମସିହାରେ ବିସ୍ଥାପିତ କରାଗଲା । ସେହିପରି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବ୍ରଜରାଜନଗର କୋଇଲାଖଣି ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ଭୂଷଣ ଇସ୍ପାତ କାରଖାନା ଆଉ ଥରେ ବିସ୍ଥାପନ କଲା । ଏହିପରି ଭାବରେ ଗୋଟିଏ ପ୍ରକଳ୍ପରୁ ବିସ୍ଥାପିତ ହୋଇ ସରକାରଙ୍କ ଦ୍ୱାରା ଥଇଥାନ ହୋଇଥିବା ବିସ୍ଥାପିତମାନେ ଅନ୍ୟ ପ୍ରକଳ୍ପଦ୍ୱାରା ପୁଣିଥରେ ବିସ୍ଥାପିତ ହୋଇ ନିଜ ଦେଶରେ ଯାଯାବର ହୋଇ ଜୀବନଯାପନ କରୁଛନ୍ତି । ହୁଏତ୍ ସେହି ସମାନ କଥା ଲୋୟର ସୁକତେଲ ବିସ୍ଥାପିତଙ୍କର ହୋଇପାରେ ।

ଓଡିଶା ସରକାର, ପ୍ରକଳ୍ପ ବିରୋଧୀ ଆନ୍ଦୋଳନ ବଢୁଥିବା ଦେଖି ବିସ୍ଥାପନ ଓ ଥଇଥାନ ନୀତି, ୨୦୦୬ ପ୍ରଣୟନ କରିଥିଲେ । ଏଥିରେ ଡ୍ୟାମ୍ ଅଞ୍ଚଳରେ ବଜାରଦରରେ ଜମି କିଣାବିକା ଦେବା ପ୍ରସ୍ତାବ ଥିଲା । ମାତ୍ର କେନ୍ଦ୍ର ସରକାରଙ୍କ ଜମିଅଧିଗ୍ରହଣ ସଂବନ୍ଧିତ ନୂତନ ନିୟମ ଆସୁଥିବା ହେତୁ ଏହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହୋଇନାହିଁ । ମାତ୍ର ରାଜ୍ୟ ସରକାରଙ୍କ ଥଇଥାନ ନୀତିରେ ଏକଥା ଉଲ୍ଲେଖ ଅଛି ଯେ, ଏହାପରେ ଯଦି ବିସ୍ଥାପନ ପାଇଁ ଲୋକେ ବିରୋଧ କରନ୍ତି ତେବେ ପୋଲିସର ବଳପ୍ରୟୋଗ କରାଯିବ । ରାଜ୍ୟସରକାର ଏବେ ସେହି ନୀତିର ଏହି ପ୍ରସ୍ତାବଟିକୁ ନିଷ୍ଠାର ସହିତ ପାଳୁଛନ୍ତି । କାଶୀପୁର, କଳିଙ୍ଗନଗର, ଲାଞ୍ଜିଗଡ, ଗୋବିନ୍ଦପୁର-ଡିଙ୍କିଆ ପରେ ଏବେ ଲୋୟର ସୁକତେଲ ଅଞ୍ଚଳରେ ପୋଲିସ୍‌ର ଦମନ ମାଧ୍ୟମରେ ଜମି ଅଧିଗ୍ରହଣ କରାଯାଉଛି ।

Digitized by srujanika@gmail.com

୯. ବିସ୍ଥାପନ, ଥଇଥାନ ଓ ପୁନର୍ବାସ

୧୮୯୪ ମସିହାରେ ଇଂରେଜ ସରକାର ଯେଉଁ ଭୂମି ଅଧିଗ୍ରହଣ ଆଇନ ପାଶ କରିଥିଲେ ସ୍ୱାଧିନତାର ଭାରତରେ ସେହି ଆଇନକୁ ମାମୁଲି ପ୍ରରିବର୍ତ୍ତନ କରି ଭୂମି ଅଧିଗ୍ରହଣ କରାଯାଉଛି । ଉକ୍ତ ଆଇନରେ ଜମି ଅଧିଗ୍ରହଣ କରି କ୍ଷତିପୂରଣ ଦେବା ଏକ ବିବାଦମାନ ବିଷୟ ହୋଇ ରହିଆସିଛି । ସରକାର କଳକାରଖାନା,ଖଣି ଖାଦାନ, ରାସ୍ତାଘାଟ, ନଦୀବନ୍ଧ ଯୋଜନା, ଆଦି ନିମନ୍ତେ ସାଧାରଣ ଲୋକଙ୍କ ହିତକଥା କହି ଜମି ଅଧିଗ୍ରହଣ କରିବାରେ ଲାଗିଛନ୍ତି । ବାସଚ୍ୟୁତ ପରିବାରମାନେ ଉପଯୁକ୍ତ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଯେଉଁମାନେ କ୍ଷତିପୂରଣ ପାଉଛନ୍ତି ତାହା ପର୍ଯ୍ୟାପ୍ତ ନୁହଁ । ବିଭିନ୍ନ ସମୟରେ ବାସଚ୍ୟୁତ ପରିବାରମାନେ ବାସ୍ତୁହରା ହୋଇ ଉପଯୁକ୍ତ କ୍ଷତିପୂରଣ ନିମନ୍ତେ ନାନା ପ୍ରକାର ଦାବୀ, ଆପତ୍ତି, ଅଭିଯୋଗ ଓ ପ୍ରତିବାଦ କରୁଛନ୍ତି । କିନ୍ତୁ ଉକ୍ତ ଦାବି ଓ ଆପତ୍ତି ଅମଲାତାନ୍ତ୍ରିକ ନାଲିଫିତା ତଳେ ଚାପି ହୋଇଯାଉଛି କିମ୍ବା ନ୍ୟାୟାଳୟମାନଙ୍କରେ ବିଚାରାଧୀନ ହୋଇପଡିରହୁଛି । ସ୍ଥଳବିଶେଷରେ ପ୍ରକଳ୍ପ ବିରୁଦ୍ଧରେ ଲୋକମାନଙ୍କ କ୍ରୋଧକୁ ପ୍ରଶମିତ କରିବା ନିମନ୍ତେ ପ୍ରତ୍ୟେକ ବାସଚ୍ୟୁତ ପରିବାରରୁ ଜଣେ ଲୋକଙ୍କୁ ନିଯୁକ୍ତି ଦେବା, ଘରଡିହ ଯୋଗାଇଦେବା ଏବଂ ସ୍ଥଳ ବିଶେଷରେ ଚାଷଜମି ଯୋଗାଇଦେବା କିମ୍ବା ସାମୂହିକ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତାଘାଟ, ବିଦ୍ୟୁତ ଯୋଗାଣ ଆଦିର ସୁବ୍ୟବସ୍ଥା ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରୁଛନ୍ତି । କିନ୍ତୁ ଏହା ପ୍ରଶାସନିକ ନିର୍ଦ୍ଦେଶ ଓ ସରକାରୀ ବିଜ୍ଞପ୍ତି ମାତ୍ର, ଯାହାକୁ ସରକାର ରଖିପାରନ୍ତି ନ ରଖି ପାରନ୍ତି । ପରବର୍ତ୍ତୀ ଅବସ୍ଥାରେ ଉପଯୁକ୍ତ ଥଇଥାନ ବା ନିଯୁକ୍ତି ଦାବି କରି କେହି ନ୍ୟାୟାଳୟରେ ଆଶ୍ରୟ ନେଇ ପାରିବେନାହିଁ ।

ଔପନିବେଶିକ ପରବର୍ତ୍ତୀ ଭାରତରେ ଅନୁଷ୍ଠିତ ହୋଇଥିବା ବିକାଶଧାରା ଓ ତତ୍‌ସଂଲଗ୍ନ ପ୍ରକଳ୍ପଗୁଡିକ ସ୍ଥାନୀୟ ଆଦିବାସୀ, ଦଳିତ, ଭାଗଚାଷୀ, ଜମିହୀନ, ଦିନମଜୁରିଆମାନଙ୍କୁ ସେମାନଙ୍କ ଜୀବନ ଜୀବିକାରୁ ଉଚ୍ଛେଦ କରିଛି । ବିକାଶ ପ୍ରକ୍ରିୟାରେ ଯେଉଁ ସବୁ ପୁଞ୍ଜିନିର୍ମାଣ ହୋଇଛି ସେଥିରେ ସେମାନଙ୍କର ଅଧିକାର ନାହିଁ ।

ସ୍ୱାଧୀନଭାରତର ସର୍ବପ୍ରଥମ ନଦୀବନ୍ଧ ଯୋଜନା ହୀରାକୁଦ ବହୁମୁଖୀ ପ୍ରକଳ୍ପର ଶିଳାନ୍ୟାସ ସ୍ଥାପନ ଉତ୍ସବରେ ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ତାଙ୍କର ଅଭିଭାଷଣରେ ବୁଡି ଅଞ୍ଚଳର ଲୋକମାନଙ୍କୁ ଜମି ବଦଳରେ ଜମି ଓ ଘର ବଦଳରେ ଘର ଦେବାର ପ୍ରତିଶ୍ରୁତି ଦେଇ କାହାରିକୁ ଭୂମିହୀନ ବାସଗୃହହୀନ କରାଯିବ ନାହିଁ ବୋଲି ଘୋଷଣା କରିଥିଲେ । ୨୪୯ଟି ଗ୍ରାମର ୧୫ ହଜାରରୁ ଉର୍ଦ୍ଧ୍ୱ ପରିବାରର ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରକଳ୍ପଦ୍ୱାରା ଭିଟାମାଟି ହରାଇଲେ । କିନ୍ତୁ ବନ୍ଧ ତିଆରି ହେବାର ୭୦ ବର୍ଷ ପରେ ଆଜି ମଧ୍ୟ ବହୁ ପରିବାରଙ୍କୁ କ୍ଷତିପୂରଣ କିମ୍ବା ଥଇଥାନ କରାଯାଇପାରିଲାନାହିଁ । କେବଳ ଶତକଡା ୧୦ ଭାଗ ଲୋକଙ୍କୁ ଥଇଥାନ ସୁବିଧା

Digitized by srujanika@gmail.com

ମିଳିଥିବାବେଳେ ଅନ୍ୟମାନେ କେଉଁଆଡେ ଗଲେ, କେଉଁଠି ରହିଲେ ପ୍ରଶାସନ ପାଖରେ ତାର ହିସାବ ନାହିଁ । ସେହିପରି ୧୯୭୩ ମସିହା ଡିସେମ୍ବର ମାସ ୨୩ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରାଗାନ୍ଧୀ ରେଙ୍ଗାଲି ବହୁମୁଖୀ ପ୍ରକଳ୍ପର ଉଦ୍‌ଘାଟନ କରି ବିସ୍ଥାପିତମାନଙ୍କୁ ଉପଯୁକ୍ତ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରକଳ୍ପରେ ଅବିଭକ୍ତ ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାରୁ ୧୬୫ ଗ୍ରାମର ୯୫୨୯ଟି ପରିବାର ବିସ୍ଥାପିତ ହୋଇଥିଲେ । ଉକ୍ତ ପରିବାରଙ୍କୁ ୬୧ଟି ପୁନର୍ବସତି ଗ୍ରାମରେ ଜମି ବଦଳରେ ଜମି ଓ ପରବର୍ତ୍ତୀ ସମୟରେ ଜମି ବଦଳରେ ଟଙ୍କା ଦେଇ ଥଇଥାନ କରାଯାଇଥିଲା । କିନ୍ତୁ କିଛି ଦିନ ପରେ ଉକ୍ତ ଅଞ୍ଚଳରୁ ଅନାହାର ମୃତ୍ୟୁର ଖବର ପ୍ରଚାରିତ ହେଲା । ଓଡିଶା ବିଧାନସଭାର ଗୃହ କମିଟି ଏସବୁ ଥଇଥାନ ବ୍ୟବସ୍ଥାର ଅବ୍ୟବସ୍ଥା ବିଷୟରେ ଉଲ୍ଲେଖ କରି ଅସନ୍ତୋଷ ପ୍ରକାଶ କରିଥିଲେ । ଏହିପରି ଭାବରେ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ହୀରାକୁଦଠାରୁ ଆରମ୍ଭ କରି ବାଲିମେଳା, ରେଙ୍ଗାଲି, ଅପରକୋଲାବ, ଇନ୍ଦ୍ରାବତୀ, ଗୋହିରା, ମନ୍ଦିରା ଆଦି ବହୁ ଜଳସେଚନ ପ୍ରକଳ୍ପ; ରାଉରକେଲା, ସଇଁତଳା, ଇବ୍‌ଥର୍ମାଲ ଓ ମହାନଦୀ କୋଇଲାଖଣି ଆଦି ନାନାପ୍ରକାର ଖଣି ଖାଦାନ, କଳକାରଖାନା ସବୁ ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ତିଆରି ହୋଇଛି । ଏହି ସବୁ ପ୍ରକଳ୍ପ ୯୦୦ଟି ଗ୍ରାମର ୫୦ ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ଉଦ୍‌ବାସ୍ତୁ କରି ୫ ଲକ୍ଷ ୪୫ ହଜାର ହେକ୍ଟର ଜମି ଅଧିଗ୍ରହଣ କରିଛି । ଅଭୟାରଣ୍ୟ, ଜାତୀୟ ରାଜପଥ ଓ ଅନ୍ୟ ଅନେକ ଛୋଟବଡ ବନ୍ଧ ଯୋଜନା ବ୍ରଜରାଜନଗର, ହୀରାକୁଦ, ଝାରସୁଗୁଡା, ରାଜଗାଙ୍ଗପୁର, ବରଗଡ ଅଞ୍ଚଳରେ ବ୍ୟକ୍ତିଗତ ମାଲିକାନାରେ ଥିବା କଳକାରଖାନା ଓ ଖଣି ଖାଦାନକୁ ମିଶାଇଲେ ଉପରୋକ୍ତ ପରିବାର ୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ଓ ଏମାନଙ୍କ ମଧ୍ୟରୁ ଶତକଡା ୯୦ ଭାଗ ପରିବାର ଥାଇଥାନ ନହୋଇ ଅତ୍ୟନ୍ତ ଦୀନହୀନ ଭାବରେ କାଳକାଟୁଛନ୍ତି । ସେମାନଙ୍କର ଦାବୀ, ଆପତ୍ତି, ଅନୁରୋଧ ସବୁ ଅଣଦେଖା କରାଯାଇଛି ।

୧୦. ଅନୁସନ୍ଧାନର ସିଦ୍ଧାନ୍ତ ଓ ପ୍ରସ୍ତାବ

ପ୍ରକଳ୍ପ ଅଞ୍ଚଳ ଗ୍ରସ୍ତକରି ବିଭିନ୍ନ ଅନୁଷ୍ଠାନ, ବିସ୍ଥାପିତ ଗ୍ରାମବାସୀ ଓ ଘଟଣା ପ୍ରଭାବ ଅନୁଧ୍ୟାନ ପରେ ତଥ୍ୟାନୁସନ୍ଧାନ କମିଟି ନିମ୍ନଲିଖିତ ଉପସଂହାରରେ ଉପନୀତ ହେଉଛି ।

୧. ପ୍ରକଳ୍ପ ପୂର୍ବରୁ ପ୍ରଭାବିତ ଗ୍ରାମଗୁଡିକରେ ବିଧିବଦ୍ଧ ଗ୍ରାମସଭା ବା ଜନଶୁଣାଣି ହୋଇ ଲୋକଙ୍କ ମତାମତ ନିଆଯାଇନାହିଁ । ଏ ପ୍ରସଂଗରେ ପୁଣିଥରେ ଗ୍ରାମସଭା ଓ ଜନଶୁଣାଣି ହୋଇ ବନ୍ଧ ବିଷୟରେ ନିଷ୍ପତ୍ତି ନିଆଯାଉ । ସରକାର ଏ ବିଷୟରେ ଉଦାସୀନ ରହିଲେ ନ୍ୟାୟାଳୟର ଆଶ୍ରୟ ନିଆଯିବାର ଯଥାର୍ଥତା ଗୁରୁତର ସହିତ ବିଚାର କରାଯାଇପାରେ । ଗ୍ରାମସଭା ଅନୁଷ୍ଠିତ ହେବା ସମୟରେ ଅଞ୍ଚଳର ମହିଳାଙ୍କ ମତାମତକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଉ ।

Digitized by srujanika@gmail.com

୨. ଲୋୟର ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ସମିତି ବନ୍ଧ, କଟା, ଉଠାଜଳସେଚନ, ଛୋଟଛୋଟ ଆନିକଟ୍ ନିର୍ମାଣ କରି ଜଳସେଚନ ଓ ପାନୀୟ ଜଳଯୋଗାଣ କରିବାର ବିକଳ୍ପ ପ୍ରସ୍ତାବର କାର୍ଯ୍ୟକାରିତା ନେଇ ସରକାର ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେଲେ ବିନା ବିସ୍ଥାପନରେ ଜଳସେଚନ ଓ ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ ହୋଇପାରିବ ।

୩. ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ବଲାଙ୍ଗିର ଆକ୍‌ସନ କମିଟି ଓ ବଲାଙ୍ଗିର ଓକିଲ ସଂଘ ସଂଗ୍ରାମ ପରିଷଦର ଆନ୍ଦୋଳନକୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କୁ ବାହାରିଆ ଲୋକ କହି ବଲାଙ୍ଗିରକୁ ପ୍ରବେଶ କରିବାକୁ ନଦେବା ଓ ଗିରଫହେଲେ ଆଇନ ସହାୟତା ନଦେବା ଆଦି ମାନସିକତା ସୁସ୍ଥ ଗଣତାନ୍ତ୍ରିକ ଆଦର୍ଶ ହୋଇ ନଥିବାରୁ ସେମାନଙ୍କର ଏପରି ଭାବଧାରକୁ ନାପସନ୍ଦ କରୁଛୁ ।

୪. କିଛି ଗ୍ରାମରେ କ୍ଷତିପୂରଣ ଦିଆଯିବା ସମୟରେ ବହୁ ବେନାମୀ ଜମିମାଲିକ ପ୍ରଶାସନ ସହ ସଲାସୁତରାରେ ବହୁ ଅର୍ଥ ତୋଷାରପାତ କରିଛନ୍ତି ବୋଲି ଅଭିଯୋଗ ହୁଏ । ତାର ବିଧିବଦ୍ଧ ତଦନ୍ତ କରାଯିବା ଆବଶ୍ୟକ । ସେହିଭଳି ପ୍ରକଳ୍ପ ବୁଡି ଅଞ୍ଚଳରେ ବଲାଙ୍ଗିରର ବହୁ ପ୍ରଭାବଶାଳୀ ବ୍ୟକ୍ତି ଅଧିକ କ୍ଷତିପୂରଣ ପାଇବା ଆଶାରେ ଶସ୍ତାରେ ବହୁ ଜମି କିଣିଛନ୍ତି ବୋଲି ଯେଉଁ ଅଭିଯୋଗ ହୁଏ ତେବେ ତାର ମଧ୍ୟ ତଦନ୍ତ ହେବା ଆବଶ୍ୟକ ।

୫. ପ୍ରଶାସନିକ ଓ ପୋଲିସ୍ ଅଧିକାରୀ, କଲେକ୍ଟର ଓ ଏସ୍.ପି.ଙ୍କୁ ଭେଟିବା ପାଇଁ ପ୍ରୟାସ କରାଯାଇଥିଲା । ସେମାନଙ୍କ ଅସହଯୋଗ ଓ ଉଦାସୀନତା ଆଦୌ ସ୍ପୃହଣୀୟ ନୁହେଁ । କମିଟି ନିନ୍ଦା କରୁଛି । ଯଦି ଏହି ଆଭିମୁଖ୍ୟ ରହେ ତେବେ ସ୍ଥାନୀୟ ଲୋକେ ନ୍ୟାୟ ପାଇବାର ସମ୍ଭାବନା କମ୍ ।

୬. ଦୀର୍ଘଦିନ ଧରି ଲୋୟର ସୁକତେଲ ପ୍ରକଳ୍ପ ଅଞ୍ଚଳରେ ସଂଗ୍ରାମ ପରିଷଦ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ପ୍ରତିରୋଧ ଚଳାଇ ଆସୁଥିବାବେଳେ ବିସ୍ଥାପିତଙ୍କ ଗଣତାନ୍ତ୍ରିକ ଅଧିକାର ପ୍ରତି ଭ୍ରୂକ୍ଷେପ ନକରି ପୋଲିସ୍‌ର ମାତ୍ରାଧିକ ବଳ ପ୍ରୟୋଗକୁ ଅନୁସନ୍ଧାନ କମିଟି ଦୃଢ ନିନ୍ଦାକରୁଛି । ଆନ୍ଦୋଳନକାରୀଙ୍କ ଉପରେ ହେଇଥିବା ପୋଲିସ କେଶ୍ ଗୁଡିକ ଉଠାଇ ନିଆଯାଉ ଓ ଦମନକାରୀ ପୋଲିସ୍ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

Digitized by srujanika@gmail.com

୧୧. ଶେଷକଥା

ଡ୍ୟାମ୍ ସମ୍ବନ୍ଧିତ ବିଶ୍ୱକମିଶନ୍ ନିଜର ରିପୋର୍ଟରେ ଏପରି ଡ୍ୟାମ୍ କରାଯାଉଥିବା ସ୍ଥାନରେ ତିନୋଟି ବିଷୟରେ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି ।

(କ) ବିକାଶ ନାମରେ ଏସବୁ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ସମୟରେ ଏହାର ଆର୍ଥିକ, ପରିବେଶ ଓ ସାମାଜିକ ଦିଗକୁ ଗୁରୁତ୍ୱ ଦେବା ଆବଶ୍ୟକ ।

(ଖ) ଯେଉଁମାନେ କ୍ଷତିଗ୍ରସ୍ତ ହେବେ ଓ ଯେଉଁମାନେ ସୁବିଧା ପାଇବେ ଉଭୟଙ୍କ ପାଇଁ ପ୍ରକଳ୍ପ ସମ୍ବନ୍ଧିତ ସମସ୍ତ ତଥ୍ୟ ଯୋଗାଇଦେବା ଆବଶ୍ୟକ, ଅର୍ଥାତ୍ ସ୍ୱଚ୍ଛତା ଜରୁରୀ ।

(ଗ) ଭବିଷ୍ୟତର ଆବଶ୍ୟକତା ଦେଖି ଉଭୟ ଜନଗୋଷ୍ଠୀ ଓ ରାଷ୍ଟ୍ର ବା ସରକାର ପରସ୍ପରକୁ ବିଶ୍ୱାସକୁ ନେଇ ପ୍ରକଳ୍ପ ଦିଗରେ ଆଗକୁ ଯିବା ଉଚିତ । କେଉଁଠାରେ ବି କମିଶନ୍ ଲେଖିନାହାଁନ୍ତି ଯେ ଏସବୁ ଡ୍ୟାମ୍ ବିକାଶ ପାଇଁ ନିହାତି ଜରୁରୀ ଓ ପୋଲିସ୍‌ର ବଳପ୍ରୟୋଗଦ୍ୱାରା ଡ୍ୟାମ୍ କରାଯାଉ । ମାତ୍ର ରାଜ୍ୟସରକାର ଷାଠିଏ ଦଶକର ନେହେରୁଙ୍କ ନୀତିକୁ ଏବେ ବି ଆପଣାଇଛନ୍ତି । ସେ ସମୟରେ ହୀରାକୁଦ ଅଞ୍ଚଳରେ ଯେଉଁଭଳି ପୋଲିସ୍‌ର ଦମନ ଦ୍ୱାରା ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା, ତାହା ଷାଠିଏ ବର୍ଷପରେ ଏବେ ବି ସେହିଭଳି କରାଯାଉଛି । ସରକାର ଏଭଳି ପଦକ୍ଷେପରୁ କ୍ଷାନ୍ତ ହେବା ଗଣତନ୍ତ୍ର ପାଇଁ ଜରୁରୀ । କମିଟି ଅଞ୍ଚଳରୁ ଫେରିଲାବେଳେ ସେହି ଛୋଟ ଝିଅ ଖିର ଦଣ୍ଡସେନାର ଶେଷ କେଇପଦ କଥା ବେଶ ମନେପଡୁଥିଲା "ଆମର ବି ଅଧିକାର ଅଛି । ଆମର ବାପା ମା' ଜମି ନ ଛାଡିକରି ବୁଡିଗଲେ ଆମେ କେନ ରହିବୁ । କେନ୍‌କେ ଯିବୁ ଆମେ ।"

●●●

Digitized by srujanika@gmail.com

REFERENCES

(a) Orissa Drought 2001 by A.B. Ota

(b) Drought Vulnerability, coping capacity and residual risk; Evidence from Bolangir District in Odisha by Dr. Mrutyunjay Swain, Sardar Patel University, Gujurat.

(c) Resettlement issues in water resources development. An empirical study of the Lower Sukatel Irrigation Project by Amta Agnihotn, IAS Published in Social Change Dec, 2008.

(d) 'Lawyers not to take up protostevs' cases : Times of India, Orissa Edition May 4, 2013

(e) District Gazetteers, Balangir District

(f) Reaping Scarcity : The process of Drought and Marginalisation in Western Orissa by Sohini Sen Gupta, 1998.

(g) Agricultural Census 1980-81 and 1995-96

Digitized by srujanika@gmail.com

ଏହି ରିପୋର୍ଟ ପ୍ରକାଶ ହେଲାବେଳକୁ ....

ଖୁସିର କଥା ଯେ, ବୁଡି ଅଞ୍ଚଳ ସଂଗ୍ରାମ ପରିଷଦର ଆହ୍ୱାନ କ୍ରମେ କ୍ଷତିପୂରଣ ନେଇସାରିଥିବା ୧୩ ଖଣ୍ଡ ଗ୍ରାମର ଗ୍ରାମବାସୀ ମିଳିତ ଭାବରେ ପ୍ରକଳ୍ପ ଅଞ୍ଚଳରେ ଏକ ଦଶଦିନିଆ ପଦଯାତ୍ରା ଜୁନ୍ ୧୪ରୁ ଆରମ୍ଭ କରିଥିଲେ । ପ୍ରକଳ୍ପ ବିପକ୍ଷରେ ଲୋକଙ୍କୁ ଏକାଠି ଲଢେଇ ପାଇଁ ସେମାନେ ନିଷ୍ପତ୍ତି ନେଇଥିବା କଥା ଜଣାଇଥିଲେ । ଏହି ପଦଯାତ୍ରାକୁ ସ୍ଥାନୀୟ ଅଞ୍ଚଳରେ ଯଥେଷ୍ଟ ସମର୍ଥନ ମିଳିଥିଲା ।

ଦୁଃଖର କଥା ଯେ, ଲୋୟର ସୁକତେଲ ଅଞ୍ଚଳରେ ଏକ ମିଟିଂ ସାରି ଫେରୁଥିଲାବେଳେ ପ୍ରଫୁଲ୍ଲ ସାମନ୍ତରା ଓ ଲିଙ୍ଗରାଜ ଆଜାଦ୍‌ଙ୍କୁ ବଲାଙ୍ଗିର ଷ୍ଟେସନ୍‌ରେ ଜୁନ୍ ୨୬ ତାରିଖ ରାତିରେ ଆକ୍ସନ୍ କମିଟି ସମର୍ଥିତ ଗୁଣ୍ଡାମାନେ ଆକ୍ରମଣ କରିଥିଲେ । ବିସ୍ଥାପନ ବିରୋଧୀ ଆନ୍ଦୋଳନକୁ ଯେ କୌଣସି ସମର୍ଥନ ମିଳୁ ତାହା ସେମାନେ ଚାହୁଁନାହାଁନ୍ତି । ଏହାକୁ ଆମେ ନିନ୍ଦା କରୁଛୁ ।

ଏତକ ସଂପିଛି ମାତ୍ରକ,
ପ୍ରାଣବାୟୁ ତା ଆଉ
ନଥିଲା, ମରିଣ ଶୋଇଲା,
କିଏ ବୁଝିବ ଭାଉ ?
ତେଣୁ ପ୍ରକୃତିକୁ ବିଅର୍ଥେ,
ଦିଅ ନାହିଁଟି ବାଧା
ପ୍ରକୃତି ଯାଉ ତା ସୁପଥେ,
ସିଧା ସରଳେ ସିଧା ।

– ମିତ୍ରଭାନୁ ଖମାରୀ

ପଞ୍ଚଗାଁ, ରେଙ୍ଗାଲୀ, ସମ୍ବଲପୁର (୧୯୫୭)

Digitized by srujanika@gmail.com

"ବୁଡି ଅଞ୍ଚଳ ଦୁର୍ଦ୍ଦଶା"

(ଜଣେ ହିରାକୁଦ ନଦୀବନ୍ଧ ବିସ୍ଥାପିତଙ୍କ ନିଜସ୍ୱ ଅନୁଭୂତିରୁ ଲିଖିତ କବିତାରୁ କିଛିଅଂଶ)

ଯଥା କାଳେ ଆସି ଖେଦିଲା
ଘରୁ ନରନାରୀଙ୍କୁ,
ଲାଲ ମୁଡିଆ ସେ ସିପାହୀ
ଦେଖି ଭୟ ସଭିଙ୍କୁ ।
ଯେଝା ଆସବାକୁ ଭୋଗିଲେ
ନିଜ ଉପାୟ କରି
କେହି ମୁଣ୍ଡେ ବୋହି, ଶଗଡେ
ଗଲେ ଜୀବନ ଡରି ।
ଦୂର ଅତିଦୂର ସୁରଗୁଜା
ଗଲେ ଝରକେ ଲଦି
ଘନ ଘୋର କାହିଁ ପାହାଡ
ଡେଇଁ ଗଲେ ଛଳଦି ।
ପଥେ ପଡ଼େ ଯେବେ ଜଙ୍ଗଲ,
ଅଙ୍ଗ ପର୍ବତ କ୍ରୋଡେ
କହେ ଚାଳକ "ରେ ମାଲିକ
ଓହ୍ଲା ତୋ ଧାନ ଏଥେ ।"
ଯେତେ ଅନୁନୟ ବିନୟ
ଭରେ କଲେ ଗୁହାରି
ନିର୍ଦ୍ଦୟ ଚାଳକ ସେ କଥା
କେହ୍ନେ ଶୁଣୁଛି ଭାରୀ ।
ଧାନବସ୍ତା, ଘର କରଣା
ତହିଁ ପଡି ରହିଲା,
ଚୋର ଖାଇବ କି, ଖାଇବ
ହିଂସ୍ର ଜଣା ନୋହିଲା ।
ଚକ୍ଷୁ ଲୋତକ ଯେ ଚକ୍ଷୁରେ
ରହି ଶୁଖି ଚାଲିଲା
ଛୁଆପିଲାଙ୍କର କାନ୍ଦଣା
ବଣେ ଭୋଜି ରହିଲା ।

ଯାଇ କି ନଥିବେ ସେମାନେ
ଯାଇଥିବେ ଅବଶ୍ୟ
କେହି ଦେଖିନି ତା' ଦେଖିଛି
କବିନେତ୍ର ରହସ୍ୟ ।
ମୁଁ ନିଜେ ଦେଖିଛି ଆମ୍ଭର
ପାଖ ପଡୋଶୀ ବୁଢୀ
"ନାଇଁ ଯାଏ ମୁଇଁ" ବୋଲିଣ
ବସି ରହିଲା ଅଡି ।
ସିପାହୀ ଜଣକ ଉଠାଇ
ଦାଣ୍ଡେ ଦେଲା କଚାଡି
ଭାଙ୍ଗିଗଲା ଅଣ୍ଟା, ଯାତନା
ଆହା ନୋହେ ସମ୍ଭାଳି ।
ଘର ଛାଡି ଚାଲି ଯିବାକୁ
ସିନା ଥିଲା ନିର୍ଦ୍ଦେଶ
ଘରୁ ଯେ ନଗଲା ତା ଲାଗି
ଥିଲା ଏଇ ସନ୍ଦେଶ ?
(ସେହି ବୁଢ଼ି ପ୍ରତି)
ଏ' ଜଘନ୍ୟ ମହା ପାପିଷ୍ଠ
ପକ୍ଷୁ ଯେଉଁ ତାଡନା
ଦିଆଯାଇଥିଲା ସର୍କାରେ
ଥିଲା କିଅବା ଜଣା ?
ଶହ ଶହ ଏଇ ଚିତ୍ର ଯେ
ନାଇଁ ଥିବ ବୁଡିରେ,
କିଏ ତା କହିବ ! ଧନ୍ୟ ସେ
କଟକିଆ ପ୍ରୀତିରେ ।
ଉଚ୍ଚ କଣ୍ଠେ ସଂପି ବସିଲା
କ୍ରୋଧେ ହୋଇଣ ଅନ୍ଧ,
ସଥେଁ ଯଦି ଅଛୁ ମାଃ' ପୁରୁ !
ଭାଙ୍ଗିଯାଉ ନ ବନ୍ଧ !

ପ୍ରକାଶକ : ଗଙ୍ଗାଧର ପାଣିଗ୍ରାହୀ, ସଭାପତି, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ଓଡିଶା,
ଫୋନ୍ : ୦୬୭୪-୨୪୩୦୮୬୪
ସଂପର୍କ : ବ୍ରଜେନ୍ଦ୍ର କୁମାର ମହାନ୍ତି, ପ୍ଲଟ୍ ନମ୍ବର - ୯୩ (ପ୍ରାଇଭେଟ୍), ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩
ଫୋନ୍- ୯୪୩୮ ୧୩୨୯୫୫
ମୁଦ୍ରକ : ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ଓଡିଶା
ମୂଲ୍ୟ : ୨୦ ଟଙ୍କା

Digitized by srujanika@gmail.com

Printed at Shovan, 106, Acharya Vihar, Bhubaneswar
Digitized by srujanika@gmail.com